


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୧ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 SEPTEMBER 2021

Vol.No. 32 ■ No. 242 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସରିଲାନି ପଞ୍ଜାବ କଂଗ୍ରେସର କଳି

## ହରିଶ ରାଓ୍ୱତଙ୍କ ବୟାନରେ ତେଜିଲା ବିବାଦ



ନୂଆଦିଲ୍ଲୀ,୧୯/୦୯: କ୍ୟାପଟେନ୍ ଅମରିନ୍ଦର ସିଂହ ପଞ୍ଜାବ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଲାଗୁଥିଲା ପଂଜାବ ରାଜନୀତିରେ ଲାଗି ରହିଥିବା କନ୍ଦଳରେ ପୂର୍ଣ୍ଣଚ୍ଛେଦ ପଡିଛି । ଦଳ ପକ୍ଷରୁ ଚରଣଜିତ ସିଂହ ଚନ୍ନିଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ଭାବେ ବଛାଗଲା । ଆଉ ଏଥିରେ ସମସ୍ତେ ସହମତି ଜଣାଇଥିଲେ । ହେଲେ ମୁଖ୍ୟମନ୍ତ୍ରୀ ଭାବେ ଚରଣଜିତ୍ ଶପଥ ନେବା ପରେ ହିଁ ପୁଣି ଦଳରେ ଅସନ୍ତୋଷ ଦେଖିବାକୁ ମିଳିଛି ଆଉ ଅସନ୍ତୋଷର ଏହି ଦାନା ବାନ୍ଧିଛନ୍ତି ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିଶ ରାଓ୍ୱତ । କାରଣ ହରିଶ ରାଓ୍ୱତ କହିଛନ୍ତି ଆସନ୍ତା ବର୍ଷ ପଞ୍ଜାବରେ ନବଜୋତ ସିଂହ ସିଦ୍ଧୁଙ୍କ ନେତୃତ୍ୱରେ କଂଗ୍ରେସ ବିଧାନସଭା ନିର୍ବାଚନ ଲଢିବ ଆଉ ରାଓ୍ୱତଙ୍କ ଏହି ବୟାନଙ୍କୁ ନେଇ ପୁଣିଥରେ ଆରମ୍ଭ ହୋଇଯାଇଛି କନ୍ଦଳ । ୨୦୨୨ ପଞ୍ଜାବରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ କଂଗ୍ରେସର ନେତୃତ୍ୱ ନେବେ ନବଜୋତ ସିଂହ ସିଦ୍ଧୁ । ପଞ୍ଜାବରେ ସିଦ୍ଧୁ ଜଣେ ଲୋକପ୍ରିୟ ଚେହେରା ଆଉ ଲୋକେ ସିଦ୍ଧୁଙ୍କୁ ସମର୍ଥନ କରନ୍ତି ବୋଲି ରାଓ୍ୱତ ନିଜ ବୟାନରେ କହିଛନ୍ତି । ହେଲେ ରାଓ୍ୱତଙ୍କ ଏଭଳି ସିଦ୍ଧୁଙ୍କୁ ସମର୍ଥନ କରିବାକୁ ସହଜରେ ହଜମ କରିପାରି ନାହାଁନ୍ତି ବରିଷ୍ଠ କଂଗ୍ରେସ ନେତା ସୁନିଲ ଝାକର । ଟ୍ୱିଟ୍ କରି କହିଛନ୍ତି -ରାଜ୍ୟରେ ନୂଆ ମୁଖ୍ୟମନ୍ତ୍ରୀ ବଛାହେବା ଦିନ ହରିଶ ରାଓ୍ୱତଙ୍କ ଏଭଳି ବୟାନ ଉଚିତ୍ ନୁହେଁ । କିଛି ନିଷ୍ପତି ନେବାର ହକ୍ କେବଳ ମୁଖ୍ୟମନ୍ତ୍ରୀଙ୍କ ଥାଏ । ହେଲେ ହରିଶ ରାଓ୍ୱତ ଏଭଳି କହି ମୁଖ୍ୟମନ୍ତ୍ରୀ ପଦର ଅବମାନନା କରିଛନ୍ତି । ତେବେ ଝାକରଙ୍କ ଟ୍ୱିଟକୁ ଅନେକ ସମାଲୋଚନା କରିବା ପରେ ସେ ନିଜ ବୟାନକୁ ବଦଳାଇ ଦେଇଛନ୍ତି । ସୁନୀଲ ଝାକର କ୍ୟାପଟେନ ଅମରିନ୍ଦର ସିଂହଙ୍କ ବଡ ସମର୍ଥକ । ସେ ପୂର୍ବରୁ ପଞ୍ଜାବ କଂଗ୍ରେସର ଅଧ୍ୟକ୍ଷ ମଧ୍ୟ ରହିଛନ୍ତି । ହେଲେ ଏବେ ଦଳରେ ନବଜୋତ ସିଂହ ସିଦ୍ଧୁ ଏବଂ ତାଙ୍କ ସମର୍ଥକଙ୍କ ଦବଦବା ରହିଛି । ସେଠାରେ ବିବାଦୀୟ ବୟାନ ଦେଇ ନିଜ ପାଇଁ ଅଡୁଆ ସୃଷ୍ଟି କରିବାକୁ ଚାହୁଁନାହାଁନ୍ତି ଝାକର । ଫଳରେ ନିଜ ବୟାନରୁ ନିଜେ ଓହରି ଯାଇଛନ୍ତି । ହେଲେ ଏକଥା ସ୍ପଷ୍ଟ ହୋଇଛି ଯେ, ଆସନ୍ତା ବର୍ଷ ପଞ୍ଜାବ ନିର୍ବାଚନବେଳେ କଂଗ୍ରେସର ନେତୃତ୍ୱ ନେବେ ନବଜୋତ ସିଂହ ସିଦ୍ଧୁ ।

# ୪ କିଲୋମିଟର ଭାସିବା ପରେ ଡୁମଡୁମାରେ ମିଳିଲା ଜ୍ୟୋତିପ୍ରକାଶଙ୍କ ମୃତଦେହ



ଭୁବନେଶ୍ୱର,୧୯/୦୯(ନି.ପ୍ର): ମୁକୁଳା ଡ୍ରେନ ପାଲଟିଛି ମରଣାଯନ୍ତା । ପାଖାପାଖି ୧୯ ଘଣ୍ଟାର ଅପରେସନ ପରେ ଆଜି ଜ୍ୟୋତି ପ୍ରକାଶଙ୍କର ମୃତଦେହ ଉଦ୍ଧାର ହୋଇଛି । ଭୁବନେଶ୍ୱର ପଂଚଶଖା ନଗର ମୁଖ୍ୟ ଡ୍ରେନ ନିକଟ ବୁଦା ଭିତରୁ ଆଜି ନିଖୋଜ ଛାତ୍ର ଜ୍ୟୋତି ପ୍ରକାଶଙ୍କ ମୃତଦେହ ଉଦ୍ଧାର ହୋଇଛି । ଗତକାଲି ସୌଭାଗ୍ୟ ନଗରରୁ ନିଖୋଜ ହୋଇଯାଇଥିଲେ ଜ୍ୟୋତି ପ୍ରକାଶ । ତେବେ ନିଖୋଜ ହେବା ସ୍ଥାନ ଏବଂ ଉଦ୍ଧାର ହୋଇଥିବା ସ୍ଥାନ ମଧ୍ୟରେ ୪ କିଲୋମିଟର ଦୂରତା ରହିଛି । ଗତକାଲି ଜ୍ୟୋତି ନିଖୋଜ ହେବା ପରେ ଅଗ୍ନିଶମ ଟିମ୍ ଆସି ଖୋଜାଖୋଜି କରିଥିଲେ। କିନ୍ତୁ ବିଳମ୍ବିତ ରାତି ଯାଏ କୌଣସି ଖୋଜ ଖବର ମିଳିନଥିଲା । ପରେ ଆଜି ସକାଳେ ପଂଚଶଖା ନଗର ମୁଖ୍ୟ ଡ୍ରେନ ନିକଟ ବୁଦା ଭିତରୁ ଜ୍ୟୋତିଙ୍କର ମୃତ ଦେହ ଉଦ୍ଧାର ହୋଇଛି । ଅନ୍ୟପଟେ ବିଏମସିର ଖାମଖିଆଲି କାମକୁ ପ୍ରତିବାଦ କରି ବିଏମସି ଅଫିସ ଘେରାଉ କରିଛି ଭୁବନେଶ୍ୱର ଜିଲ୍ଲା ବିଜେପି । ବିଏମସି ଅଫିସ ସମ୍ମୁଖରେ ବିଜେପି କର୍ମୀ ଧାରଣା ବସି ପ୍ରତିବାଦ କରିଛନ୍ତି । ପରିସ୍ଥିତି ଜଟିଳ ହେବାରୁ ସଘଟଣା ସ୍ଥଳରୁ ବିଜେପି କର୍ମୀଙ୍କୁ ଉଠାଇ ନେଇଛି ପୋଲିସ ।

# କୋଟିଆରେ ହେବ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ




ଭୁବନେଶ୍ୱର,୧୯/୦୯(ନି.ପ୍ର): ଓଡିଶା-ଆନ୍ଧ୍ର ଭିତରେ ଚାଲିଥିବା କୋଟିଆ କଳି ଭିତରେ ଆସିଛି ବଡ ଖବର । କୋରାପୁଟ ଜିଲ୍ଲା କୋଟିଆରେ ପଞ୍ଚାୟତ ନିର୍ବାଚନ କରିବାକୁ ଓଡିଶା ଚଳାଇଛି ପ୍ରସ୍ତୁତି । ଏନେଇ ସୋମବାର କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜାରି ହୋଇଛି । ମିଳିଥିବା ସୂଚନା ମୁତାବକ, ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଆନ୍ଧ୍ରର ନିର୍ବାଚନ ସହ ଓଡିଶା ସରକାରଙ୍କର କୌଣସି ସମ୍ପର୍କ ନାହିଁ । ଓଡିଶାରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କୋଟିଆରେ ମଧ୍ୟ ହେବ । କୋଟିଆରେ ପଞ୍ଚାୟତ ନିର୍ବାଚନ ନେଇ ସମସ୍ତ ପ୍ରସ୍ତୁତି ଚାଲିଛି । ସେଠାରେ ୱାର୍ଡମେମ୍ବର, ସରପଞ୍ଚ, ଜିଲ୍ଲା ପରିଷଦ ସହିତ ସମିତି ସଭ୍ୟ ନିର୍ବାଚନ ହେବ ବୋଲି କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ କୁହାଯାଇଛି । ତେବେ ଗତକାଲି ଆନ୍ଧ୍ର ପ୍ରଦେଶ ସାଲୁର ଏକ ସରକାରୀ ଡିଗ୍ରୀ କଲେଜରେ କୋଟିଆ ପଞ୍ଚାୟତର ଭୋଟ ଗଣତି ହୋଇଥିଲା । ଓଡ଼ିଶାର ବିରୋଧ ସତ୍ତ୍ୱେ ଗତ ଏପ୍ରିଲ ୮ ତାରିଖରେ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇ ପଦର ଏବଂ ନରଡିସୱାଲାରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ନିର୍ବାଚନ କରାଯାଇଥିଲା । ଆନ୍ଧ୍ର ସୀମାରେ ରହୁଥିବା ଲୋକେ ଭୋଟ ଦେଇଥିବା ବେଳ ଓଡ଼ିଶାର ଅଧିକାଂଶ ଲୋକ ଭୋଟ ଦାନ କେନ୍ଦ୍ରକୁ ଆସିନଥିଲେ । ହେଲେ ଆନ୍ଧ୍ର ହାଇକୋର୍ଟର ଏକ ବେଞ୍ଚ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ । ପରେ ଆନ୍ଧ୍ର ହାଇକୋର୍ଟର ଏହି ନିଷ୍ପତ୍ତିର ପୁନଃ ବିଚାର କରି ଭୋଟ ଗଣତି କରିବାକୁ ନିର୍ଦ୍ଦେଶ ଦେବା ପରେ ଗତକାଲି ଭୋଟ ଗଣତି ଚାଲିଥିଲା । ଓଡ଼ିଶା ମାଟିରେ ଆନ୍ଧ୍ର ନିର୍ବାଚନ କରି ଭୋଟ ଗଣତି କରୁଥିଲେ ମଧ୍ୟ ଓଡ଼ିଶା ସରକାରଙ୍କ ପକ୍ଷରୁ ଏନେଇ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଯାହାକୁ ନେଇ ସୀମାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା । ଆଉ ଏବେ କୋଟିଆରେ ପଞ୍ଚାୟତ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛି ଜିଲ୍ଲା ପ୍ରଶାସନ ।

## ରୁଷ ୟୁନିଭର୍ସିଟି କ୍ୟାମ୍ପସରେ ଗୁଳିକାଣ୍ଡ: ୮ ମୃତ, ୬ ଆହତ : ଆତତାୟୀ ଗିରଫ

ନୂଆଦିଲ୍ଲୀ,୧୯/୦୯: ଆଜି ସକାଳେ ରୁଷର ପର୍ମଷ୍ଟେଟ୍ ୟୁନିଭର୍ସିଟରେ ଆତତାୟୀର ଗୁଳିରେ ୮ଜଣଙ୍କ ଜୀବନ ଯିବା ସହ ୬ଜଣ ଗୁରୁତ୍ୱ ଆହତ ହୋଇଛନ୍ତି । ଖବର ପାଇ ସୁରକ୍ଷା ବଳ ପହଂଚି କାଉଣ୍ଟର ଆଟାକ କରିବା ଫଳେରେ ଆତତାୟୀ ମଧ୍ୟ ନିହତ ହୋଇଥିବା। ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ଆତତାୟୀ ଠାରୁ ବଂଚିବାକୁ ଝରକା ପଟେ ଦେଇ ଛାତ୍ରମାନେ ଡେଉଁଥିବା ଭିଡିଓ ଏବେ ଚାଂଚଲ୍ୟ ସୃଷ୍ଟି କରିଛି । ମିଳିଥିବା ଖବର

▶▶ପୃଷ୍ଠା ୭

# ବିଜେଡିର ମାରାଥନ ମିଶ୍ରଣ ପର୍ବ

ଭୁବନେଶ୍ୱର,୧୯/୦୯(ନି.ପ୍ର): ବିଜେଡିର ମାରାଥନ ମିଶ୍ରଣ ପର୍ବ। ବିଜେଡି କାର୍ଯ୍ୟାଳୟରେ ଅୟୋଜିତ ମିଶ୍ରଣ ପର୍ବ ପରେ ପରେ ସାଂସଦ ସୁବାସ ସିଂଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ହୋଇଥିଲା ଆଉ ଏକ ମିଶ୍ରଣ ପର୍ବ । ରାୟଗଡା ଜିଲ୍ଲାର ବିଭିନ୍ନ ଦଳର କର୍ମକର୍ତ୍ତା ତଥା କର୍ମୀ ମାନେ ଆଜି ନିଜ ଦଳ ଛାଡ଼ି ବିଜେଡ଼ିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ କଂଗ୍ରେସ ଓ ବିଜେପି ଦଳର ଅନେକ ବରିଷ୍ଠ ନେତା ବିଜେଡ଼ିରେ ମିଶିଛନ୍ତି । ସୁବାସଙ୍କ ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଜଗନ୍ନାଥ ସାରକା, ସାଂସଦ ସୁବାସ ସିଂ, ସାଂସଦ ଭାସ୍କର ରାଓ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରଘୁନାଥ ଗମାଙ୍ଗୋ ପ୍ରମୁଖ ଦଳରେ ସାମିଲ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ଦ୍ୱାରା ଦକ୍ଷିଣ ଓଡ଼ିଶାରେ ସଙ୍ଗଠନକୁ ସୁଦୃଢ କରିଛି ବିଜେଡି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ମିଶ୍ରଣ ପର୍ବ କରି ବିରୋଧୀଙ୍କ ଚିନ୍ତା ବଢାଇ ଦେଇଛି । ଏହି ମିଶ୍ରଣ ଦ୍ୱାରା ବିଜେଡିର ଶକ୍ତି ବଢିଛି ବୋଲି କହିଛନ୍ତି ଜିଲ୍ଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ । ଏହାପୂର୍ବରୁ ଆଜି ଜେଏମଏମର ପୂର୍ବତନ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ ଓ ଜେଏମଏମ ରାଜ୍ୟ ଉପ-ସଭାପତି ରାମଚନ୍ଦ୍ର ମୁର୍ମୁଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି ଅନେକ ନେତା ଓ କର୍ମୀ । ବିଜେଡି କାର୍ଯ୍ୟାଳୟରେ ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ସମସ୍ତଙ୍କୁ ଦଳରେ ସାମିଲ କରାଯାଇଛି । ଏହାଦ୍ୱାରା ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ମିଶନ ମୟୂରଭଞ୍ଜ ଅଭିଯାନ ଆରମ୍ଭ କରିଥିବା ନେଇ ସଂକେତ ଦେଇଛି । ଜେଏମଏମର ଦୁଇ ହେଭିୱେଟ ନେତା ଦଳରେ ସାମିଲ ହେବା ପରେ ମୟୂରଭଞ୍ଜରେ ବିଜେଡି ଆହୁରି ସଙ୍ଗଠିତ ହୋଇଛି । ଏହାଛଡା ପଞ୍ଚାୟତ ନିର୍ବାଚନରେ ଏହା ଦଳକୁ ବଡ ଫାଇଦା ଦେବ ବୋଲି କୁହାଯାଉଛି । କାରଣ ମୟୂରଭଞ୍ଜ ରାଜନୀତିରେ ଜେଏମଏମର ମଧ୍ୟ ବଡ ଭୋଟବ୍ୟାଙ୍କ ରହିଛି । ଏପରିକି ଗତ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଲୋକସଭା ଆସନରେ ଲକ୍ଷାଧିକ ଭୋଟ ପାଇଥିଲା ଜେଏମଏମ । ତେଣୁ ଜେଏମଏମର ଦୁଇ ନେତାଙ୍କୁ ଦଳରେ ସାମିଲ କରି ବଡ ବାଜି ଖେଳିଛି ବିଜେଡି ।

# ବିଦେଶକୁ ପୁଣି ଟିକା ରପ୍ତାନୀ କରିବ ଭାରତ

ଭୁବନେଶ୍ୱର,୧୯/୦୯(ନି.ପ୍ର): ବିଦେଶକୁ ପୁଣି ଟିକା ରପ୍ତାନୀ କରିବ ଭାରତ । ଏନେଇ ସୋମବାର ଘୋଷଣା କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ । ଏହି ଘୋଷଣା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ପୂର୍ବରୁ କରାଯାଇଛି । ପ୍ରଧାନମନ୍ତ୍ରୀ ଆମେରିକା ଯିବା ପରେ ଟିକା ରପ୍ତାନୀ ଉପରେ ଜୋ ବାଇଡେନ୍ ଆଲୋଚନା କରିବାର ସମ୍ଭାବନା ଥିବାରୁ ଏହି ବଡ ନିଷ୍ପତ୍ତି ନିଆଯାଇଛି । ଭ୍ୟାକ୍ସିନ୍ ଉତ୍ପାଦନରେ ବିଶ୍ୱର ସବୁଠାରୁ ଆଗରେ ଥିବା ଭାରତ ଠାରୁ କରୋନା ଟିକା ନେବା ପାଇଁ ଅନେକ ଦେଶ ଚାହିଁ ବସିଛନ୍ତି । ତେବେ ଦେଶରେ ଭ୍ୟାକ୍ସିନେସନ ଡ୍ରାଇଭକୁ ଜୋରଦାର କରିବା ପାଇଁ ଟିକା ରପ୍ତାନୀକୁ ସ୍ଥଗିତ ରଖାଯାଇଥିଲା । ଏପ୍ରିଲ ମାସରୁ ଭାରତ ଟିକା ରପ୍ତାନୀ କରିବା ବନ୍ଦ କରି ଦେଇଥିଲା । ତେବେ ମୋଦିଙ୍କ ଆମେରିକା ଗସ୍ତ ପୂର୍ବରୁ ପୁଣିଥରେ ଟିକା ରପ୍ତାନୀ ନେଇ ଘୋଷଣା କରାଯାଇଛି । ଦେଶରେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ୯୪.୪ ପ୍ରତିଶତ ଲୋକଙ୍କୁ କରୋନା ଟିକା ଦେବାକୁ ଯୋଜନା ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ୬୧ ପ୍ରତିଶତ ଲୋକଙ୍କୁ କରୋନାର ଗୋଟିଏ ଡୋଜ୍ ଦିଆ ସରିଛି ।

# ବାରବାଟୀରେ ଖେଳାଯିବ ଭାରତ-ୱେଷ୍ଟଇଣ୍ଡିଜ ଟି -୨୦ ମ୍ୟାଚ



ଭୁବନେଶ୍ୱର,୨୦/୦୯ (ନି.ପ୍ର): ଆସନ୍ତା ୨୦୨୨ ଫେବୃଆରି ୧୫ରେ ବାରବାଟୀରେ ଭାରତ-ୱେଷ୍ଟଇଣ୍ଡିଜ ମଧ୍ୟରେ ଟି -୨୦ ମ୍ୟାଚ ଖେଳାଯିବ। ସୋମବାର ଦିନ ବିସିସିଆଇ ଆପେକ୍ସ କମିଟି ଏନେଇ ଘୋଷଣା କରିଛି। ଆସନ୍ତାବର୍ଷ ୱେଷ୍ଟଇଣ୍ଡିଜ୍ ଭାରତ ଗସ୍ତରେ ତିନୋଟି ଦିନିକିଆ ଓ ସମାନ ସଂଖ୍ୟକ ଟି-୨୦ ମ୍ୟାଚ୍ ଖେଳିବାକୁ ଆସିବ। ପ୍ରଥମେ ଦିନିକିଆ ସିରିଜ୍ ଖେଳାଯିବ। ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଫେବୃଆରୀ ୬ରେ ଅହମ୍ମଦାବାଦ, ଦ୍ୱିତୀୟ ମ୍ୟାଚ୍ ଜୟପୁରରେ ଫେବୃଆରୀ ୯ ଏବଂ ତୃତୀୟ ଦିନିକିଆ କୋଲକାତାରେ ଫେବୃଆରୀ ୧୨ ତାରିଖରେ ଅନୁଷ୍ଠିତ ହେବ। ଏହା ପରେ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୫ ତାରିଖରେ କଟକରେ ଖେଳାଯିବ। ଏହା ପରେ ବାକି ଦୁଇଟି ମ୍ୟାଚ୍ ଫେବୃଆରୀ ୧୮ ଓ ୨୦ ତାରିଖରେ ଯଥାକ୍ରମେ ବିଶାଖାପାଟଣା ଓ ଥିରୁବନନ୍ତପୁରମରେ ଖେଳାଯିବ।

# ୨୫ ବେଳକୁ ଘୁର୍ଣ୍ଣିବଳୟ, ୨୬ରୁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୦/୦୯ (ନି.ପ୍ର): ଆସନ୍ତା ୨୫ ସେପ୍ଟେମ୍ବର ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ତଟ-ସଂଲଗ୍ନ ଉତର-ପୂର୍ବ ବଙ୍ଗୋପସାଗର ଅଂଚଳରେ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୪୮ ଘଂଟା ମଧ୍ୟରେ ଏହା ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତିକରି ଓଡିଶା ଉପକୂଳ ପହଂଚିପାରେ। ଏହାର ପ୍ରଭାବରେ ୨୬ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୧ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଏଥିସହିତ ସେପ୍ଟେମ୍ବର ୨୧ରୁ ୨୨ ତାରିଖ ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼,କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ସୁବର୍ଣ୍ଣପୁର, ସମ୍ବଲପୁର ଓ ଦେବଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉକ୍ତ ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ବିଏମସି ଓ ସ୍ୱେରେଜ ବୋର୍ଡ ବିରୁଦ୍ଧରେ ଏତଲା ଦେଲା କଂଗ୍ରେସ

ଭୁବନେଶ୍ୱର,୨୦/୦୯ (ନି.ପ୍ର): ଗତକାଲି ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶତାବ୍ଦୀ ନଗର, ଲେନ ନଂ – ୭ ମଧ୍ୟରେ ଏକ ଖୋଲା ଡ୍ରେନରେ ଜଣେ ୧୫ ବର୍ଷୀୟ ବାଳକ ଭାସିଯିବା ଓ ଆଜି ତାର ମୃତଦେହ ମିଳିବା ଘଟଣା ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଡିସିପିଙ୍କୁ ଭେଟି ଭୁବନେଶ୍ୱର ମହାନଗର ନିଗମ ଓ ସ୍ୱେରେଜ ବୋର୍ଡ ବିରୁଦ୍ଧରେ ଏତଲା ଦେଇଛନ୍ତି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ କହିଛନ୍ତି ଭୁବନେଶ୍ୱରକୁ ଗତ ୫-୬ ବର୍ଷ ହେବ ସ୍ମାର୍ଟ ସିଟି ଘୋଷଣା କରାଯାଇଛି। ଏଥିପାଇଁ ଭୁବନେଶ୍ୱର ସହର ପୁରସ୍କୃତ ମଧ୍ୟ ହୋଇଛି। କିନ୍ତୁ ଏଠି ସ୍ମାର୍ଟସିଟି ନାଁରେ ବିଭିନ୍ନ ସରକାରୀ ସଂସ୍ଥା ନିମ୍ନମାନର କାମ କରି ଅସାଧୁ ଉପାୟରେ ଅର୍ଥ ରୋଜଗାର କରୁଛନ୍ତି। ଛୋଟ ପିଲା କି ଲୋକ ପାଣି ସ୍ରୋତରେ ଡ୍ରେନରେ ଭାସିଯାଇ ପ୍ରାଣ ହରାଇବା କିଛି ନୂଆ ଘଟଣା ନୁହେଁ। ଏଥିପୂର୍ବରୁ ଗତ ୬ବର୍ଷ ଭିତରେ ସମାନ ପ୍ରକାର ବହୁ ଘଟଣା ଘଟିସାରିଛି। କିନ୍ତୁ ସର୍ବୋପରି ମହାନଗର ନିଗମ ଓ ସ୍ୱେରେଜ ବୋର୍ଡ ଚୁପ ବସିଛି। ଜିଲ୍ଲା କଂଗ୍ରେସ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଅସମ୍ପୂର୍ଣ୍ଣ ଓ ଖୋଲା ଡ୍ରେନର ତୁରନ୍ତ ମରାମତି ନକଲେ ପରିସ୍ଥିତି ଭୟାବହ ହେବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି। ସେହିପରି ବରିଷ୍ଠ ଆଇନଜିବୀ ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ଡିସିପିଙ୍କ ସହ ଆଲୋଚନା ବେଳେ କହିଥିଲେ ସ୍ମାର୍ଟସିଟି ନର୍ମ ଅନୁଯାୟୀ ସମସ୍ତ ଡ୍ରେନ କଭର ହେବା ଦରକାର କିନ୍ତୁ ଭୁବନେଶ୍ୱର ସହରରେ ୫୦% ରୁ ଅଧିକ ଡ୍ରେନ ଖୋଲା ପଡ଼ିଛି ଓ କିଛି ଅସମ୍ପୂର୍ଣ୍ଣ ହୋଇ ରହିଛି। ପୋଲିସ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଏହି ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସ ସଂପାଦକ ସୁବ୍ରତ ମହାପାତ୍ରଙ୍କ ସମେତ ଶ୍ରୀମତୀ ରଶ୍ମି ମହାପାତ୍ର, ଅଶୋକ ଦାସ, ଜୟକୃଷ୍ଣ ସୁବୁଦ୍ଧି, ସେକ୍ ଆଫତାବ ଅଲ୍ଲୀ, ସଂଜୀବ ମହାନ୍ତି, ଦେବରାଜ ମିଶ୍ର, ଶ୍ରୀଧର ବଳିଆରସିଂ, କୁସୁମ ପ୍ରଧାନ, ଶୁଭଦ୍ରା ମିଶ୍ର, ମନୋଜ ସାହୁ, ସୁବ୍ରତ ସେନାପତି, ଶୁଭ୍ରଜ୍ୟୋତି ଲେଙ୍କା, ସେକ ନିୟାଜୁଲ ଇସଲାମ ଓ ଦେବଦତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ ହଜାର ଟଙ୍କା ମୁଚାଲିକାରେ ରାଜ କୁନ୍ଦ୍ରାଙ୍କୁ ମିଳିଲା ଜାମିନ୍



ନୂଆଦିଲ୍ଲୀ,୧୯/୦୯: ଅଶ୍ଳୀଳ ସିନେମା ମାମଲାରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ମିଳିଛି ଜାମିନ୍ । ୫୦ ହଜାର ଟଙ୍କା ମୁଚାଲିକାରେ ମାଜିଷ୍ଟ୍ରେଟ କୋର୍ଟ ରାଜଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଗତ ଗୁରୁବାର ମୁମ୍ବାଇ ପୋଲିସ୍ କୁନ୍ଦ୍ରାଙ୍କ ବିରୋଧରେ ୧୪ଶହ ପୃଷ୍ଠାର ଚାର୍ଜସିଟ୍ କୋର୍ଟରେ ଦାୟର କରିଥିଲା । ଯାହାକୁ ବିରୋଧ କରି ଶନିବାର ପୁଣିଥରେ ବେଲ୍ ପାଇଁ ଆବେଦନ କରିଥିଲେ ରାଜ କୁନ୍ଦ୍ରା । ସେ ପୁଣିଥରେ କୋର୍ଟଙ୍କ ସମ୍ମୁଖରେ କହିଥିଲେ, ତାଙ୍କୁ ଜାଣିଶୁଣି ଟାର୍ଗେଟ କରିବାକୁ ଚେଷ୍ଟା କରାଯାଉଛି । ସେ ଅଶ୍ଳୀଳ ସିନେମା ପ୍ରସ୍ତୁତ କରୁଥିବାର ପୋଲିସ ପାଖରେ ସେଭଳି କୌଣସି ଠୋସ୍ ପ୍ରମାଣ ନାହିଁ ।

▶▶ପୃଷ୍ଠା ୭

# ବରିଷ୍ଠ ସାମ୍ବାଦିକ ସୁଧାକର ଦାଶଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ

ମାଲକାନଗିରି,୨୦/୯ (ନି.ପ୍ର): ଅବିଭକ୍ତ କୋରାପୁଟ ମାଲକାନଗିରି ଜିଲାର ବରିଷ୍ଠ ସାମ୍ବାଦିକ ତଥା ସମାଜସେବି ସ୍ୱର୍ଗତ ସୁଧାକର ଦାଶ ଦେହାନ୍ତ ପରେ ଚିତ୍ରକୋଣ୍ଡା ଅଂଚଳରେ ଶୋକର ଛାୟା ଖେଳି ଯାଇଛି ଆଜି ଚିତ୍ରକୋଣ୍ଡା ମାଟି ବନ୍ଧ ଯୋଜନା ଶ୍ରମିକ ସଂଗଠନ ତଥା ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ୟୁନିଅନ କାର୍ଯ୍ୟାଳୟ ଠାରେ ଏକ ସ୍ମୃତି ସଭା ର ଆୟୋଜନ କରାଯାଇଥିଲା। ଉକ୍ତ ଶ୍ରମିକ ସଂଗଠନ ର ସଭାପତି ବିଦେଶୀ ଗଉଡ଼ ଏବଂ ସମ୍ପାଦକ ଜି ଶ୍ରୀନିବାସ ରାଓ ଯୋଗ ଦେବାସହ ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘର ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ସତ୍ୟ ନାରାୟଣ ଦାସ, ମନୋଜ ମହାନ୍ତି, କିଶୋର କୁମାର ପାଟିକା ସମେତ ଉତ୍କଳ ସାମ୍ବାଦିକ ସଂଘର ଚିତ୍ରକୋଣ୍ଡା ସଦସ୍ୟ ଖିରୋଦ କୁମାର ବେହେରା, ବିଦେଶୀ ଗଉଡ଼, ଅଜୟ ଶିକଦାର, ସୁକୁମାର ସରକାର, ଶିବ ପ୍ରସାଦ ଖରା, ସତ୍ୟବାଦୀ ବେହେରା, ବଳରାମ ଦାସ, ଦିଲୀପ କୁମାର ଆଚାରୀ, ଚିତ୍ରସେନ ନାୟକଙ୍କ ସମେତ ଦେବ ମାଇତି ଏବଂ ସ୍ୱାଭିମାନ ଅଂଚଳ ରାଲେଗଡା ପଂଚାୟତ ପୂର୍ବତନ ସରପଂଚ କମଲୁ ହନ୍ତାଳ ତଥା ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ସ୍ୱର୍ଗତ ସୁଧାକର ଦାସଙ୍କ ଫୋଟୋ ଧୂପ ଦୀପ ଲଗାଇ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ଶୋକ ସଭା ଏବଂ ସ୍ମୃତି ଚାରଣ କରାଯାଇଥିଲା। ଶ୍ରୀ ଦାସ ୩୧.୧୦.୧୯୫୨ ଭଦ୍ରକ ଜିଲା ଚୁଡ଼ାକୁଟୀର ମାଙ୍କିଡ଼ିଆ ଗ୍ରାମ ରେ ଜନ୍ମ ଗ୍ରହଣ କରିଥିଲେ କ୍ଷମାଲକାନଗିରି ଜିଲା ଚିତ୍ରକୋଣ୍ଡା କୁ ଆସିବା ପରେ ପ୍ରଥମେ ବାଲିମେଳା ଡ୍ୟାମ ପ୍ରକଳ୍ପରେ କିଛି ବର୍ଷ କାର୍ଯ୍ୟକରିବା ପରେ ଅବିଭକ୍ତ କୋରାପୁଟ, ମାଲକାନଗିରି ଜଣେ ଉତମ ସାମ୍ବାଦିକ ଭାବରେ ନିଜକୁ ଗଢ଼ି ତୋଳିଥିଲେ। ଚିତ୍ରକୋଣ୍ଡା ଚିତ୍ରଗିରି କଳା ପରିଷଦ ଗଠନ କରି ନାଟକ ଲେଖିବା ସହିତ ନିଜେ ମଧ୍ୟ କଳାକାର ଭାବରେ ଭଲ ଅଭିନୟ ପଦର୍ଶନ କରନ୍ତି। ଧର୍ମ ଜାଗରଣ ଅଭିଯାନ ମଂଚ ମାଧ୍ୟମରେ ଓଡ଼ିଆ ଭାଷା ସଂସ୍କୃତି କୁ ବଂଚାଇ ରଖିବା ପାଇଁ ତାଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ କାମ କରି ଆସୁଥିଲେ। ଯିବ ଜନ୍ତୁ ପକ୍ଷୀ ମାନଙ୍କୁ ଆଦର କରିବା ସହିତ ଓଡ଼ିଆଙ୍କ ବିଭିର୍ନ ପର୍ବ ପର୍ବାଣି କୁ ପାଳନ କରିବାକୁ ପସନ୍ଦ କରନ୍ତି। ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବର ଓ ଓସ୍ତ ଗଛ ମୂଳରେ ୧୦୦ରୁ ଉର୍ଦ୍ଧ ସ୍ଥାନରେ ହନୁମାନ, ଶନି ଏବଂ ଗଣେଶ ସ୍ଥାପନଙ୍କୁ ପୂଜା କରି ଜନସାଧାରଣଙ୍କୁ ଆଦର୍ଶ ଧର୍ମ ମାର୍ଗରେ ପରିଚାଳିତ କରିଛନ୍ତି। ଆଦିବାସୀ ଭାଷା ସଂସ୍କୃତି କୁ ମଧ ବଂଚାଇବା ପାଇଁ ପ୍ରୟାସ ଜାରି ରଖିଥିଲେ। ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି କୁ ଓଡ଼ିଆ ନବ ବର୍ଷ ପାଳନ କରିବା ସହିତ, ଗହ୍ମା ପୂର୍ଣମୀ ରେ ଗାଈ ମାନଙ୍କୁ ପୂଜା କରାଇ ଗହ୍ମା ଡିଆଁ ପାଳନ କରାନ୍ତି। ଓଡିଶାର ମହାପୁରୁଷ ଗୋପବନ୍ଧୁ ଦାସ, ମଧୁସୁଦନ ଭଳି ବହୁ ମହାପୁରୁଷଙ୍କ ପର୍ବ ପାଳନ ସହ ଟିଭି, ରେଡ଼ିଓ ଜନ୍ମ ଦିନ ମଧ ବିଭିର୍ନ ବିଦ୍ୟାଳୟ ତଥା ଗ୍ରାମ ମାନଙ୍କରେ ପାଳନ କରାନ୍ତି ବିଶେଷ କରି କୁକୁର, ମାଙ୍କଡ଼, ଗାଈ ଏବଂ ପକ୍ଷୀ ମାନଙ୍କୁ ଏବଂ ଛୋଟ ପିଲା ମାନଙ୍କୁ ବେଶ ଆଦର କରନ୍ତି କ୍ଷ ପ୍ରତେକ କ୍ଷେତ୍ର ଓ ସ୍ଥାନରେ ଭଲ କବିତା ଗାଇବା ଏବଂ ଭଲ ଭାଷଣ ଦେବା ତାଙ୍କର ଏକ ସଉକ ଥିଲା। ତାଙ୍କ ସ୍ଥାନ ଅପୂରଣୀୟ ହୋଇ ରହିବ ବୋଲି ଆଲୋଚନା ହୋଇଥିଲା। ଆଦିବାସୀ ଅଂଚଳରେ ଶିକ୍ଷାର ପ୍ରଚାର ପ୍ରଶାର କରିଥିଲେ ତାଙ୍କ ଅନୁପସ୍ଥିତରେ ତାଙ୍କ ନୀତି ଆଦର୍ଶ କୁ ସାମ୍ବାଦିକ ତାକୁ ଅନ୍ୟ ସାମ୍ବାଦିକ ମାନେ ଅନୁକରଣ କରିବେ ବୋଲି ଆଲୋଚନା କରିବା ସହ ସେ ସମସ୍ତଙ୍କ ପାଇଁ ମହାନ ଓ ଉଦାହରଣ ବୋଲି ମତ ପ୍ରକାଶ ପାଇଥିଲା।

# ଚକାପାଦ ଥାନାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ: ୨୨ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,୨୦/୯ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣ ଏବଂ ଟୀକାଦାନ ସମୟରେ ରକ୍ତ ଦାତା ମାନେ ରକ୍ତ ଦାନ କରିବାକୁ ଅସମର୍ଥ ଥିବାବେଳେ ରୋଗୀ ମାନଙ୍କର ଆବଶ୍ୟକୀୟ ରକ୍ତର ଅଭାବକୁ ପୁରଣ କରିବାକୁ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରାୱାଲଙ୍କ ନିର୍ଦ୍ଦେଶରେ ଜିଲ୍ଲାର ବିଭିନ୍ନ ଥାନାରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ମାନ ଆୟୋଜିତ ହେଉଛି । ଏହି ପରିପ୍ରେକ୍ଷୀରେ ଆଜି କନ୍ଧମାଳ ଜିଲ୍ଲା ଚକାପାଦ ଥାନାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି । ପୋଲିସ ବିଭାଗ ରକ୍ତଦାନ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡିଏସପି କୃଷ୍ଣପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଡା.ଜୟଦୀପ ଘୋଷ,ଚକାପାଦର ଡା.ଭବାନୀଶଙ୍କର ଦାସ, ଚକାପାଦ ଥାନା ଅଧିକାରୀ ଅମ୍ବିକାପ୍ରସାଦ ପଟ୍ଟନାୟକ, ଫୁଲବାଣୀ ରକ୍ତଦାନ ସମିତିର ସହସମ୍ପାଦକ ତଥା ବରିଷ୍ଠ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଫୁଲବାଣୀ ରକ୍ତ ଭଣ୍ଡାର କର୍ମଚାରୀ ଶରତଚନ୍ଦ୍ର ଭଟ୍ଟ,ତୁଷାରକାନ୍ତ ପ୍ରଧାନ,ସୁଜିତ କୁମାର ସାହୁ,ପ୍ରଶାନ୍ତ କୁମାର ରଥ୍ନାଲୁ ଏବଂ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିରରେ ଚକାପାଦ ଥାନାର ଏ.ଏସ.ଆଇ ରଜନୀକାନ୍ତ ଦାସ,ଏସ.ଆଇ କୃଷ୍ଣ ବେହେରା,କନେଷ୍ଟବଲ ପ୍ରମୋଦ କୁମାର ଦାସ,ବିଷ୍ଣୁପାଣି ସେଠୀ ପ୍ରମୁଖଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ମାନେ ଶିବିର ପରିଚାଳନାରେ ସହାୟତା କରିଥିଲେ। ଏଥିରେ ମୋଟ ୨୨ ଜଣ ରକ୍ତ ଦାତା ସ୍ୱେଚ୍ଛାକୃତ ଭାବରେ ରକ୍ତ ଦାନ କରିଥିଲେ।

# ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ

ନୂଆପଡ଼ା,୨୦/୯ (ନି.ପ୍ର): ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘର ସମସ୍ତ ପ୍ରମୁଖ ନେତୃମଣ୍ଡଳୀ ଓ କର୍ମକର୍ତାଙ୍କୁ ନେଇ ସଂଘର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆଖଇ ଭେଟଘାଟ ବାହାନାରେ ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘର ସାଙ୍ଗଠନିକ ଦୃଢ଼ତା ତଥା ନୂଆପଡା ଜିଲ୍ଲାର ଶ୍ରମିକ ମାନେ ଭୋଗୁଥିବା ଦୁଃଖ ଦୁର୍ଦଶାକୁ ସମାଧାନ କରିବା ପାଇଁ ଏକ ବଡ଼ ଧରଣର ଆନ୍ଦୋଳନର ପ୍ରସ୍ତୁତି କରିବା ପାଇଁ ଜିଲ୍ଲାର ସମସ୍ତ ପ୍ରମୁଖ ଟ୍ରେଡ ୟୁନିୟନର ଶତାଧିକ ନେତୃମଣ୍ଡଳୀ ଓ କର୍ମକର୍ତା ଉପସ୍ଥିତ ହୋଇଥିଲେ ଓ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ପ୍ରତ୍ୟେକ ବ୍ଲକରେ ଓ ତା ପରେ ପରେ ପ୍ରତ୍ୟେକ ପଂଚାୟତରେ ଶ୍ରମିକ ମାନଙ୍କ ବୈଠକ କରି ଆନ୍ଦୋଳନ ପାଇଁ ପ୍ରସ୍ତୁତି କରାଯିବାକୁ ନିଷ୍ପତି ହେଲା।ମହାସଙ୍ଘ ଗଠନ ପୂର୍ବରୁ ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ମହାସଙ୍ଘ ଗଠନ ହେଲାପରେ ମହାସଙ୍ଘ ମାଧ୍ୟମରେ ଜିଲ୍ଲା ଶ୍ରମ ଅଧିକାରୀ ,ଜିଲ୍ଲାପାଳ ଶ୍ରମମନ୍ତ୍ରୀଙ୍କୁ ସାକ୍ଷାତ ଆଲୋଚନା ପୂର୍ବକ ଦାବିପତ୍ର ପ୍ରଦାନ ଓ ଆଲୋଚନା କଲେ ମଧ କୌଣସି ସୁଫଳ ମିଳିପାରିଲା ନାହିଁ। ଶ୍ରମ କାର୍ଯ୍ୟାଳୟରେ ଅଧିକାରୀ କିମ୍ବା କର୍ମଚାରୀ ବିଲକୁଲ ନ ଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଶ୍ରମିକ ପଞ୍ଜିକରଣ, ନବୀକରଣ, ସାମାଜିକ କଲ୍ୟାଣ ଯୋଜନାର ଲାଭ ପାଇବା ପାଇଁ ଭିଡ଼ ଜମୁଥିଲେ ମଧ ତାଙ୍କ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଗଣତାନ୍ତ୍ରିକ ଉପାୟରେ ଜୋରଦାର ଆନ୍ଦୋଳନ ବ୍ୟତୀତ ଅନ୍ୟ ପନ୍ଥା ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଓ କରି ପୁଣି ଦାବିପତ୍ର ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇ ବିଭିନ୍ନ ଶ୍ରମିକ ସଂଗଠନର ନେତୃମଣ୍ଡଳୀ ଓ କର୍ମକର୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ ମହାସଂଘର ବରିଷ୍ଠ ନେତା କେଶବ ବେହେରା ପରିଚାଳନା କରିଥିବା ବେଳେ ଶୁକ୍ଳାମ୍ବର ନିଆଲ, ପ୍ରଦୀପ ଦଣ୍ଡସେନା, ସୁଖଦେବ ସାହୁ, ଜ୍ଞାନରଞ୍ଜନ ସାହୁ, ଜ୍ଞାନେଶ୍ୱର ବାଗ, ସରପଂଚ ସିନାପାଲି, ସରପଂଚ ଝଗ୍ରାହୀ ଭାରତ ମାଝୀ ପ୍ରମୁଖ ମଂଚାସୀନ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ଯଯାତି ମେହେର, ପରମାନନ୍ଦ ହଂସ, ଡିସେମ୍ବର ଠେଲା, ଦେବସାଗର ନାଗ, ଧନେଶ୍ୱର ବନଛୋର, କୁଞ୍ଜବିହାରି କଟା, ମୁରଲୀ ତାଣ୍ଡି , ଚୈତନ୍ୟ ତାଣ୍ଡି ପ୍ରମୁଖ ଶ୍ରମିକ ନେତା ବୈଠକ ସଫଳ କରିବା ପାଇଁ ସହଯୋଗ କରିଥିଲେ।

# ମହାନଦୀ ମୁହାଣରେ ଦେଶୀ ଡଙ୍ଗା ବୁଡିଗଲା: ୫ ମତ୍ସ୍ୟଜୀବି ଉଦ୍ଧାର ୨ ଜଣ ନିଖୋଜ

ପାରାଦ୍ୱୀପ,୨୦/୯ (ନି.ପ୍ର): ପାରାଦ୍ୱୀପ ନେହେରୁବଙ୍ଗଳା ମହାନଦୀ ମୁହାଣ ରେ ଅଘଟଣ। ଏକ ମାଛଧରା ବୋଟ୍ ବୁଡି ଦୁଇଜଣ ମତ୍ସ୍ୟଜୀବୀ ନିଖୋଜ ରହିଛନ୍ତି। ମାଁ ରାମଚଣ୍ଡୀ-୯୮ ନାମକ ବୋଟ ରେ ୭ ଜଣ ମତ୍ସ୍ୟଜୀବୀ ଥିବା ବେଳେ ଗତ ଦୁଇଦିନ ତଳେ ସେମାନେ ସମୁଦ୍ର କୁ ମାଛ ଧରିବାକୁ ଯାଇଥିଲେ। ଆଜି ଫେରୁଥିବା ବେଳେ ମୁହାଣ ନିକଟରେ ଅଧିକ ସାମୁଦ୍ରିକ କରେଂଟ ଯୋଗୁଁ ଉଚ୍ଚ ଢ଼େଉ ମାଡ଼ରେ ବୋଟ୍ ଟି ଓଲଟି ପଡିଥିଲା। ଫଳରେ ବୋଟ ରେ ଥିବା ସମସ୍ତ ୭ ଜଣ ମତ୍ସ୍ୟଜୀବୀ ଛିଟିକି ପଡ଼ିଥିଲେ। ତେବେ ପଛରେ ଆସୁଥିବା ଅନ୍ୟ ଏକ ବୋଟ ୫ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ମାତ୍ର ଦୁଇଜଣ ମତ୍ସ୍ୟଜୀବୀ ନିଖୋଜ ଅଛନ୍ତି, ସେମାନଙ୍କୁ ଅନ୍ୟ ମାଛଧରା ବୋଟ୍ ଓ କୋଷ୍ଟଗାର୍ଡ ଜାହାଜ ସାହାଯ୍ୟରେ ତଲାସି କରାଯାଉଛି। ନିଖୋଜ ମତ୍ସ୍ୟଜୀବୀ ହେଲେ ଷଣ୍ଢକୁଦ ବସ୍ତି ର ଦାମଲ କାମରାଜୁ ଓ ସି ଏଚ୍ ଦେଉଡୁ । ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀ ମାନେ ହେଲେ କମଲ ସୁରିବାବୁ, ପ୍ୟାଲେଟି ଏଲେଜି, କେ କ୍ରିଷ୍ଣା, କେ ପାପାରାଓ ଓ ଜି ତାତାରାଓ । ତେବେ ସୁଅ ପ୍ରବଳ ହେଉଥିବା ବେଳେ ହଠାତ୍ ଟାପା ଟି ବୁଡିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ସମୁଦ୍ରକୁ ମତ୍ସ୍ୟଜୀବୀ ମାନେ ନ ଯିବାପାଇଁ ସରକାରୀ ସ୍ତରରେ ବାରଣ କରାଥିବା ବେଳେ ,ଦେଶୀ ଡଙ୍ଗାରେ ସମୁଦ୍ର କୁ ଏହି ମତ୍ସ୍ୟଜୀବୀ ମାନେ ଯାଇଥିଲେ ଏବଂ ସେମାନେ ଗଭୀର ସମୁଦ୍ରକୁ ଯାଉଥିଲା ବେଳେ ଲାଇଫ ଜ୍ୟାକେଟ ବ୍ୟବହାର କରୁ ନାହାନ୍ତି।ଫଳରେ କୌଣସି ଦୁର୍ଘଟଣା ଘଟିଲେ ଜୀବନ ହାନିର ସମ୍ଭାବନା ଅଧିକ ରହୁଛି।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଜାତୀୟ ଆଭାସି ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା,୨୦/୯ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗର ଆନୁକୂଲ୍ୟରେ ଏବଂ ପଦାର୍ଥ ବିଜ୍ଞାନ ସହଯୋଗିତାରେ ଏକ ଜାତୀୟ ଆଭାସି ଆଲୋଚନା ଚକ୍ର ନ୍ୟୁମେରିକାଲ୍ ସଲ୍ୟୁସନ୍ ଅଫ୍ ହାଇପରବୋଲିକ୍ ପାର୍ଶିଆଲ୍ ଡିଫରେନ୍‌ସିଆଲ୍ ଇକ୍ୟୁଏସନ୍ ଶୀର୍ଷକ ଏକ ୱେବିନାର୍ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅହମଦାବାଦର ଇଣ୍ଡିୟାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର୍ ଡ଼କ୍ଟର ପ୍ରଣବ କୁମାର ମହାପାତ୍ର ରିସୋର୍ସ ପର୍ସନ ଭାବରେ ଯୋଗଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ୱେବିନାର୍‌କୁ ଅଧ୍ୟକ୍ଷ ରଞ୍ଜିତ୍ ରଞ୍ଜନ ସାହୁ ଉଦ୍‌ଘାଟନ କରି ସ୍ୱାଗତ ଭାଷଣ ଦେଇଥିଲେ। ଗଣିତ ବିଭାଗର ମୁଖ୍ୟା ପ୍ରାଧାପିକା ଜ୍ୟୋସ୍ନାମୟୀ ଅତିଥି ପରିଚୟ ପ୍ରଦାନ ପୂର୍ବକ ୱେବିନାର୍‌କୁ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧାପକ ବ୍ରହ୍ମାନନ୍ଦ ସେଠୀ ୱେବିନାର୍‌ର ଉଦ୍ଦେଶ୍ୟ , ଗଣିତ ଓ ପଦାର୍ଥ ବିଜ୍ଞାନର ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ପରିଶେଷରେ ଅଧାପିକା ନିବେଦିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ଅଂଚଳରେ ଲଗାଣ ବର୍ଷା ଜଳରେ ଭାସିଗଲା କଲଭଟ

ଧର୍ମଶାଳା,୨୦/୯ (ନି.ପ୍ର): ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ସାଙ୍ଗକୁ ବନ୍ୟା ଜଳକୁ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତେବେ ଏହି ଲଗାଣ ବର୍ଷାରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ କଂଟିଗଡିଆଠାରେ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ କଲଭଟ ଭାସିଯାଇଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ଆଜି ସକାଳେ ଧର୍ମଶାଳା ଅଂଚଳରେ ଲଗାଣ ବର୍ଷା ଜାରି ରହିଥିଲା । ପୂର୍ବରୁ ଏହି ସ୍ଥାନରେ ବର୍ଷାଜଳ ଜମି ରହିଥିଲା । ତେବେ ଆଜି କଯଠିଗଡିଆ ବଡପୋଖରୀଠାରେ ଥିବା ପ୍ରଧାନମନ୍ତ୍ରୀ ସଡକର ଏକ କଲଭଟ ଭାସିଯାଇଥିବା ଦେଖିବାକୁ ମିଳିଛି । ଫଳରେ ଯାତାୟତ ନିମନ୍ତେ କଂଟିଗଡିଆ ସମେତ ପଟୁଣିଆ, ପାଟପୁର ଓ ମିର୍ଜାପୁର ଆଦି ପଂଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

# ବାଣପୁର ଉପ କାରାଗାରରେ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା,୨୦/୯ (ନି.ପ୍ର): ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ବାଣପୁର ଉପ-କାରାଗାରରେ ସେପ୍ଟେମ୍ବର ୧୮ ଓ ୧୯ ଦୁଇଦିନ ଧରି କଏଦୀ ମାନଙ୍କ ମଧ୍ୟରେ ଅନେକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୮ ତାରିଖ ପୂର୍ବାହ୍ନରେ କାରାଗାରର ସୁପରିଟେଣ୍ଡେଣ୍ଟ କୋଶଳ ପଦ୍ମିନୀ ଦଳବେହେରା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ତେବେ କାରାଗାରରେ କଏଦୀ ମାନଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା କଲ୍ୟାଣ ମୂଳକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।ଏହି କାର୍ଯ୍ୟକ୍ରମର ରୋଟାରିଆନ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଅତିଥି ଓ ଉପସ୍ଥିତ ରୋଟାରୀଆନ ମାନଙ୍କର ପରିଚୟ ପ୍ରଦାନ କରିଥିଲେ। କ୍ଲବର ସଭାପତି ରୋଟାରୀଆନ ନମିତା ଝା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ବିଶିଷ୍ଟ ସଙ୍ଗୀତ ଗୁରୁ ଡକ୍ଟର ମାଧବ ଚନ୍ଦ୍ର ପଲେଇ କଏଦୀ ମାନଙ୍କୁ ମାର୍ଗଦର୍ଶନ କରି ମା' ଭଗବତୀ ଭଜନ ସନ୍ଧ୍ୟା ଅନୁଷ୍ଠାନର ସଙ୍ଗୀତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।ଏହି ଅବସରରେ କାରାଗାରର ଅନ୍ତେବାସୀ ମାନେ କଣ୍ଠ ସଙ୍ଗୀତ ଗାନ କରି ସମସ୍ତଙ୍କର ମନୋରଞ୍ଜନ କରିଥିଲେ। ଦ୍ୱିତୀୟ ଦିନରେ ନମିତା ଝାଙ୍କ ନେତୃତ୍ୱରେ ମହିଳା ଅନ୍ତେବାସୀଙ୍କ ଦ୍ୱାରା ଝୋଟି ପ୍ରଦର୍ଶନ ଓ ପୁରୁଷ ଅନ୍ତେବାସୀମାନେ ଭଲିବଲ, ବ୍ୟାଡମିଣ୍ଟନ, ଚେସ, କ୍ୟାରମ୍ ଆଦି ଖେଳ ଖେଳି ଥିଲେ। ଅପରାହ୍ନରେ ଆୟୋଜନ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ସଭାପତି ନମିତା ଝା, ରୋଟରିଆନ ପ୍ରଫେସର ସୁଜାତା ପ୍ରଧାନ, ପ୍ରାକ୍ତନ ସଭାପତି ନିରଜ୍ ଝା, ରୋଟାରିଆନ୍ ସୁରେନ୍ଦ୍ର ସ୍ୱାଇଁ, ଭାଗିରଥି ସ୍ୱାଇଁ, ପୁଷ୍ପାଞ୍ଜଳି ବାରିକ, ସମ୍ପାଦକ ଗଜେନ୍ଦ୍ର ସେଠୀ, ଏସ କେ ନାଇଡୁ, ଜେଲ୍ ଫାର୍ମାସିଷ୍ଟ ମୀରାବାଇ ସାହୁଙ୍କ ସହ ବହୁ ସଭ୍ୟ ଯୋଗଦେଇ ଦୁଇଦିନର କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ତେବେ ଉଦଯାପନୀ ଦିବସ ତଥା ପୁରସ୍କାର ବିତରଣି ଉତ୍ସବରେ ସହକାରୀ ଜେଲର ରମେଶ ସେଠୀ, ୱାର୍ଡର ଜୟକୃଷ୍ଣ ସାହୁ, ଆରକ୍ଷୀ ବନମାଳୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ସଙ୍ଗୀତ କାର୍ଯ୍ୟକ୍ରମରେ ଜେଲ୍ ଅନ୍ତେବାସୀ ବିନାୟକ ରଣା, ନାରାୟଣ ପ୍ରଧାନ, ବିକାଶ ସାହା ଚମତ୍କାର କଣ୍ଠ ସଙ୍ଗୀତ ପରିବେଷଣ କରି ପୁରସ୍କାର ଗ୍ରହଣ କରିବା ସହ ଅନ୍ୟ ଅନ୍ତେବାସୀମାନଙ୍କୁ ବିଭିନ୍ନ ବିଭାଗରେ ସମ୍ମାନିତ କରାଯାଇଥିଲା। ଅଧାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଆୟୋଜକ ଓ ଅନ୍ତେବାସୀମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ଲିଙ୍ଗଗତ ଭେଦଭାବ ଓ ହିଂସାକୁ ନେଇ ଯୁବ ସଚେତନତା କର୍ମଶାଳା

କନ୍ଧମାଳ,୨୦/୯ (ନି.ପ୍ର): ଆବହନ କାଳରୁ ଲିଙ୍ଗଗତ ପ୍ରଭେଦ ସମାଜରେ ରହି ଆସିଥିବା ବେଳେ ବର୍ତମାନ ଏହା ଏକ ବିରାଟ ସମସ୍ୟା ଭାବେ ମୁଣ୍ଡ ଟେକିଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ ମହିଳା ସଶକ୍ତିକରଣର ଆବଶ୍ୟକତା ରହିଛି । ବର୍ତମାନର ସମାଜର ବ୍ୟବସ୍ଥା କୁ ଦେଖିଲେ ଏହା ବେଶ୍ ଗୁରୁତ୍ୱ ପୁର୍ଣ୍ଣ ମନେହୁଏ । ତତ୍ ସହିତ ଯୁବପିଢୀଙ୍କ କ୍ଷେତ୍ରରେ କିପରି ମହିଳା ଓ ପୁରୁଷଙ୍କ ମଧ୍ୟରେ ସମାନତା ର ଭାବ ସୃଷ୍ଟି ହୋପାରିବ, ସେଥିପ୍ରତି ସମାଜର ସବୁସ୍ତରର ବ୍ୟକ୍ତି ବିଶେଷ ଚିନ୍ତା ବ୍ୟକ୍ତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ୟୁନାଇଟେଡ ସେଟ୍ କନ୍‌ସୋଲେଟ , ହାଇଦ୍ରାବାଦଙ୍କ ସହାୟତାରେ କନ୍ଧମାଳ ଜିଲ୍ଲାର, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଫିରିଙ୍ଗିଆ ସ୍ଥିତ ପଂଚାୟତ ମହାବିଦ୍ୟାଳୟ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ଏକ ଲିଙ୍ଗଗତ ପ୍ରଭେଦ ଅନୁସାରେ ହିଂସାର ପ୍ରଭାବ ଶୀର୍ଷକ ଦୁଇଦିନିଆ ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରିନସିପାଲ, ଶ୍ରୀଯୁକ୍ତ ପଂଚାନନ ବେହେରା ଓ ଫିରିଙ୍ଗିଆ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଚିତରଞ୍ଜନ ମିଶ୍ର ଉପସ୍ଥିତ ରହି ଆଜିର ସମୟରେ ମହିଳା ଓ ପୁରୁଷ ଙ୍କ ମଧ୍ୟରେ ପ୍ରଭେଦ ନରଖି ଏକ ସୁଦୃଢ ମାନବ ସମାଜ ଗଠନ କରିବା ପାଇଁ ହେବ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ଆହ୍ୱାନ ଦେଇଥିଲେ "ଘରକା କାମ ସବକା କାମ" । ଉପସ୍ଥିତ ଅତିଥି ବୃନ୍ଦ ଓ ଏନ.ଏସ.ଏସ ସଂଯୋଜକ ଶ୍ରୀଯୁକ୍ତ ନିଳମାଧବ ପାଢୀ, ବିଭୁତି ଭୁଷଣ ଶତପଥି ବିଭିନ୍ନ ଉଦାହରଣ ଓ ଆଲୋଚନା ଦ୍ୱାରା ଆମ ଜିଲ୍ଲା ଓ ବିଶ୍ୱ ସ୍ଥିତି କୁ କାର୍ଯ୍ୟକ୍ରମ ରେ ଉପସ୍ଥାପନ କରିଥିଲୋ ଜୁବ ପିଢି ମାନେ କିପରି ବାଲ୍ୟବିଭା ଉପରେ ସ୍ୱର ଉତଳନ କରିବେ, ବାଳିକା ଶିକ୍ଷା ପ୍ରତି ସମାଜର ବ୍ୟକ୍ତିବିଶେଶ ଙ୍କ ଆଗ୍ରହ ଆଦି ସମାସ୍ୟାକୁ ସମାଧାନ କରିବା ପାଇଁ ଆହ୍ରହ କରିଥିଲେ । ଋତୁଶ୍ରାବ ସମୟରେ କିପରି ଝିଅ ମାନେ ବିଭିନ୍ନ ପ୍ରଥା ଓ ପରମ୍ପରାରେ ବଶବର୍ତୀ ହୋଇ ମାନସିକ ହିଂସା ର ଶିକାର ହେଉଛନ୍ତି ତାହା ଆଲୋକପାତ କରିଥିଲେ । ପ୍ରତିଦିନ, ସମ୍ବାଦ ପତ୍ର ରେ ମହିଳା ମାନଙ୍କ ଉପରେ ହେଉଥିବା ହିଂସାର ଖବର ଦେଖିବାକୁ ମିଳିଥାଏ । ଏଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପିଢିମାନଙ୍କୁ ସଚେତନତା କରିବା ଉଦେଶ୍ୟରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ସ୍ତରରେ ଆଗାମି ଦିନ ମାନଙ୍କରେ ଅନୁଷ୍ଠିତ ହେବବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସଂପାଦକ ଇଂ ହରିଶଙ୍କର ରାଉତ କହିଛନ୍ତି । କାର୍ଯ୍ୟକ୍ରମକୁ ତାଲିମ ଦାତାଭାବେ ସୁଜାତା ମହାପାତ୍ର ଓ ପ୍ରଦୀପ ସ୍ୱାଇଁ ପରିଚାଳନା କରିଥିବାବେଳୋ ଆଗାମୀ ଦିନରେ କିପରି ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ଛାତ୍ର ଓ ଛାତ୍ରୀ ମାନେ ତାଙ୍କ ସ୍ୱରକୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କଙ୍କ ପାଖରେ ରଖିବା ପାଇଁ ନିଜକୁ ପ୍ରସ୍ତୁତ କରିଥିଲୋ ସ୍ୱାତୀ ର ସହକର୍ମୀ ବିଶ୍ୱରଞ୍ଜନ କର, ବିପ୍ରଚରଣ ସାହୁ, ସୀତା ରଣା ଓ ଆରତି କହଁର ପ୍ରମୁଖ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ: ଫାଇନାଲ ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶିତ

କେନ୍ଦ୍ରାପଡ଼ା,୨୦/୯ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର +୩ ଫାଇନାଲ ଡିଗ୍ରୀ ପରୀକ୍ଷା ଫଳ ରବିବାର ପ୍ରକାଶ କରାଯାଇଛି । ଏଥିରେ କଲେଜ ଟପର ଓ ବେଷ୍ଟ ଗ୍ରାଜୁଏଟ ଭାବେ ପଦାର୍ଥ ବିଜ୍ଞାନ ସମ୍ମାନରେ ରାହୁଲ ଶତପଥୀ ୨୪୧୫ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି । ସେହିପରି କଳାରେ ପ୍ରଜ୍ଞା ପାରମିତା ଷଣ୍ଢ ୨୩୩୪ ନମ୍ବର ରଖି ଟପର ହୋଇଥିବା ବେଳେ ବାଣିଜ୍ୟରେ ଶୁଭଶ୍ରୀ ନାୟକ ୨୧୦୮ ନମ୍ବର ରଖି ବାଣିଜ୍ୟ ଟପର ହେଇଥିବା ଜଣାପଡିଛି । ମହା ବିଦ୍ୟାଳୟର ୨୦୧୮ ମସିହା ବ୍ୟାଚରେ ୮୧୬ ଜନ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଏନରୋଲଡ ହୋଇଥିବା ବେଳେ ୭୫୪ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୭୪୩ ଜଣ ଉତୀର୍ଣ୍ଣ ହୋଇ କଲେଜର ସମୁଦାୟ ପାସ୍ ହାର ୯୮.୫ ଥିବା ଜଣାପଡିଛି । ସେମାନଙ୍କ ମଧ୍ୟରେ ୪୦୧ ଜଣ ଛାତ୍ର ଥିବାବେଳେ ୩୫୩ ଜଣ ଛାତ୍ରୀ ଥିବା ଜଣାପଡିଛି । ଆଜିର ପରୀକ୍ଷା ଫଳ ପ୍ରକାଶ ରେ ଅଧକ୍ଷ ଡ଼ଃ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ପରୀକ୍ଷା ନିୟନ୍ତ୍ରକ ରାମଚନ୍ଦ୍ର ପାତ୍ରଙ୍କ ସମେତ ପ୍ରଫେସର ରଞ୍ଜିତ କୁମାର ଦାସ ,ରମାନାଥ ମହାନ୍ତି, ଡ଼ଃ ସେକ ହବିବ, ଡ଼ଃ ଜ୍ଞାନେନ୍ଦ୍ର ଦାସ, ଡ଼ଃ ଗୌର ପ୍ରସାଦ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଧିନତାର ୭୪ବର୍ଷ ପରେ ପଣ୍ଡାସାହି ଗାଁକୁ ରାସ୍ତାନାହିଁ

ନିମାପଡ଼ା,୨୦/୯ (ନି.ପ୍ର): ନିମାପଡା ବ୍ଲକ ଅନ୍ତର୍ଗତ କୋଟକୁସାଙ୍ଗ ପଂଚାୟତର ବାଲିପଦା ପଣ୍ଡାସାହି ଗ୍ରାମକୁ ପ୍ରଶାସନିକ ଅବହେଳା ପାଇଁ ସ୍ୱାଧିନତାର ୭୪ ବର୍ଷ ପରେ ଆଜି ବି ସର୍ବସାଧାରଣ ରାସ୍ତାଟିଏ ନାହିଁ । ଫଳରେ ଗ୍ରାମରେ ୩୦ ଗୋଟି ପରିବାରର ୧୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗ୍ରାମକୁ ରାସ୍ତା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜମି ଅଧିଗହଣ କରି ରାସ୍ତା ଯୋଗାଇ ଦେବାକୁ ସ୍ଥାନିୟ ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁପାରିନାହିଁ । ଗ୍ରାମକୁ ରାସ୍ତା ନଥିବାରୁ ଗ୍ରାମବାସୀ ମାନେ କିଛି ଲୋକଙ୍କ ବ୍ୟକ୍ତିଗତ ଜାଗାରେ ଯାତୟାତ କରୁଥିବ ବେଳେ ଅନେକ ସମୟରେ ବିବାଦ ହୋଇ ରାସ୍ତା ଉ୍ପରେ ପଥରବାଡ ଓ କିଆବାଡ ପକାଇ ଦେବାରୁ ଯାତୟାତରେ ଅସୁବିଧାର ସମ୍ମୁଖିନ ହୋଇଆସୁଛନ୍ତି । ଯାହା ଦ୍ୱାରା ଗ୍ରାମବାସୀଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଅଛି। ୧୯୮୦ ମସିହାରେ ହୋଇଥିବା ଚକବନ୍ଦୀ ସମୟରେ ସରକାରୀ ରାସ୍ତା ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ବାହାରି ପାରିନାହିଁ। ଫଳରେ ଗ୍ରାମବାସୀ ମାନେ ରାସ୍ତା ଏବେ ମୁଖ୍ୟ ସମସ୍ୟାଭାବେ ଠିଆ ହୋଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଜମି ଅଧିଗ୍ରହଣ କରି ରାସ୍ତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ମଧୁସୁଦନ ପଣ୍ଡା, ଝୀନାରାଣୀ ପଣ୍ଡା,ପ୍ରକାଶ ଚନ୍ଦ୍ର ପଣ୍ଡା, ମାଧବ ପଣ୍ଡା, କଲ୍ୟାଣୀ ପଣ୍ଡା, ଜୟନ୍ତି ପଣ୍ଡା ପ୍ରମୁଖ ଦୃଢଦାବି କରିଛନ୍ତି ।

# କୃଷି ବିଜ୍ଞାନ କେନ୍ଦ୍ରରେ ପୋଷଣ ବାଟିକା ଓ ବୃକ୍ଷ ରୋପଣ ଅଭିଯାନ ଆରମ୍ଭ

କେନ୍ଦ୍ରାପଡ଼ା,୨୦/୯ (ନି.ପ୍ର): କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଆନ୍ତର୍ଜାତିକ ପୋଷକ, ଶସ୍ୟ ବର୍ଷ ୨୦୨୩ ଉପଲକ୍ଷେ ପୋଷଣ ବାଟିକା ଓ ବୃକ୍ଷ ରୋପଣ ମହା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ଅଧକ୍ଷତା ଓ ପ୍ରତ୍ୟେକ୍ଷ ତତ୍ୱାବଧାନରେ ୭୧ଜଣ କିଶୋରୀ ବାଳିକା ଓ ଶତାଧିକ ଚାଷି ଯୋଗ ଦେଇଥିଲେ । ଇଫକୋ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପନିପରିବା ମଞ୍ଜି କିଟ ଓ ୧୦ଟି ବୃକ୍ଷ ବଣ୍ଟନ କରା ଯାଇଥିଲା । ବାଳିକା ମାନଙ୍କ ମଧରେ ପୋଷକ ଖାଦ୍ୟ ବିଷୟରେ ସଚେତନ କରିବା ପାଇଁ ଲଘୁଶସ୍ୟ ଯଥା-ମାଣ୍ଡିଆ, କୋଦ, ସୁଆଁ ଇତ୍ୟାଦି ଖାଦ୍ୟ ପ୍ରସ୍ତୁତ କରାଯାଇ ବଣ୍ଟନ କରା ଯାଇଥିଲା । ଏହି ଅବସର ରେ ଆଇସିଏଆର ନିୟୁ ଦିଲ୍ଲୀ ଦ୍ୱାରା କରା ଯାଉଥିବା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇ ଉପସ୍ଥିତ କୃଷକ ଓ ବାଳିକା ମାନଙ୍କୁ ପ୍ରଦର୍ଶନ କରା ଯାଇଥିଲା । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କୃଷି ମନ୍ତ୍ରୀଙ୍କ ବାର୍ତା ପ୍ରଚାର କରାଯିବା ସହ କାର୍ଯ୍ୟକ୍ରମ ପ୍ରତି ଜନ ସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଶିବ ପ୍ରସାଦ ମଲିକ, ଜିଲ୍ଲା ମସ୍ୟ ଅଧିକାରୀ ମମତା ମହାପାତ୍ର, କୃଷି ଉଦ୍ୟାନ ଅଧିକାରୀ କନ୍ଦ ଜେନା, ସିଡିବିଓ ତ୍ରିଲୋଚନା ଦାସ, ଇଫକୋର କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ନମିତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମସ୍ୟ ବୈଜ୍ଞାନିକ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପାର୍ଥ ରଞ୍ଜନ ମିଶ୍ର, ପ୍ରଭାତ କୁମାର ସାହୁ, ରାଜେଶ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପଂଚାୟତ ସ୍ତରୀୟ ଯାଦବ ମହିଳା ସମାବେଶ

ନୂଆପଡ଼ା,୨୦/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ କେନ୍ଦୁପାଟି ଗ୍ରାମ ପଂଚାୟତର ପଖାନପଡା ଗ୍ରାମ ଠାରେ ଏକ ପଂଚାୟତ ସ୍ତରୀୟ ଯାଦବ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୁଆପଡା ଜିଲ୍ଲା ମହିଳା ଯାଦବ ମହାସଭାର ସଭାନେତ୍ରୀ ମମତା ମଞ୍ଜରୀ ଥପା ମୁଖ୍ଯ ଅତିଥି ଭାବରେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସମିତିସଭ୍ୟା ନାରାୟଣୀ ପୋଡ, ମହିଳାନେତ୍ରୀ ଜାନକୀ ପୋଡ ପ୍ରମୁଖ ମଂଚାସୀନ ହୋଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମାଜସେବୀ ଯୋଗେନ୍ଦ୍ର କଟା । ସମାଜରେ ମହିଳା ମାନଙ୍କ ସହଭାଗିତା ବିଭିନ୍ନ କୁସଂସ୍କାର ଦୁରିକରଣରେ ମହିଳା ମାନଙ୍କ ଭୁମିକା ଶିକ୍ଷା ଓ ଆର୍ଥିକ କ୍ଷେତ୍ରରେ ସାମାଜିକ ଉନ୍ନତି ଉପରେ ମହିଳା ନେତ୍ରୀ ମାନେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଶିବ ପ୍ରସାଦ ପୁଞ୍ଜି, ପାରେଶ୍ୱର ପୋଡ, ଗନ୍ଧର୍ବ ପୋଡ, ରେବତୀ ଭୋଇ, ଗୋବର୍ଦ୍ଧନ ବାଗ ଓ ପଂଚାୟତର ଶତାଧିକ ଯାଦବ ମହିଳା ମାନେ ଉପସ୍ଥିତ ଥିଲେ ।

## ଭାରତୀୟ ଖାଦ୍ୟର ଆଦର



ଏଇ କିଛି ଦିନର ଘଟଣା । ଫ୍ରାନ୍ସରୁ ଏକ ମଧ୍ୟବୟସ୍କ ଦମ୍ପତି ସେମାନଙ୍କ ୧୯ ବର୍ଷୀୟ ପୁଅ ଲିଥେସଙ୍କ ସହ ଭାରତ ଭ୍ରମଣରେ ଆସିଥିଲେ । ପୂରା ପରିବାର ପିଜ୍ଜା ଖାଇବା ପାଇଁ ସଦାସର୍ବଦା ବ୍ୟାକୁଳ ଥାନ୍ତି । ଫ୍ରାନ୍ସର ଗଳିକନ୍ଦିରେ ମଧ୍ୟ ବିଭିନ୍ନ ସୁଆଦର ପିଜ୍ଜା ମିଳିଥାଏ । ଭାରତ ଆସିବା ପୂର୍ବରୁ ଲିଥେସ୍ ଇଣ୍ଟରନେଟରୁ ଅବଗତ ହୋଇଥିଲେ ଯେ ଭାରତରେ ସୁଆଦିଆ ଖାଦ୍ୟ ମିଳିଥାଏ ସତ, କିନ୍ତୁ ସେସବୁ ଖବ୍ ମସଲାରେ ପ୍ରସ୍ତୁତ କରାଯାଏ । ଏହା ସହ ତାଙ୍କ ଫ୍ରାନ୍ସ ଷ୍ଟାଇଲର ପିଜ୍ଜା ଏଠାରେ ମିଳିବ ନାହିଁ ବୋଲି ଆଶଙ୍କାରେ ସେମାନେ ଆସିଲେ । ପ୍ରଥମେ ପୁଡୁଚେରୀରେ ସେମାନେ ପହଞ୍ଚିଲେ । ଫରାସୀ ଢ଼ାଞ୍ଚାର ଏଇ ସହରକୁ ମାତ୍ର କିଛି ଘଣ୍ଟାରେ ଏଇ ଫ୍ରାନ୍ସ ପରିବାର ଆଦରି ନେଲା । ପହଞ୍ଚିବା ପରେ ପ୍ରଥମେ ସେମାନେ ଭାରତୀୟ ଖାଦ୍ୟ 'ଦୋସା' ଖାଇଲେ । ଖୁବ୍ ସ୍ୱାଦିଷ୍ଟ ଥିଲା, କିନ୍ତୁ ଲିଥେସଙ୍କ ମନ ପିଜ୍ଜା ପାଖରେ ଥାଏ । ସାନ୍ଧ୍ୟ ଭ୍ରମଣରେ ସମୁଦ୍ରକୂଳ ପାଖରେ ବୁଲୁଥିବା ସମୟରେ ଏକ କାଫେ ତାଙ୍କ ଦୃଷ୍ଟିରେ ଆସିଲା । ବେଶୀ ଚାକଚକ୍ୟ ନଥିଲା କିନ୍ତୁ ବାହାରେ ମେନୁ ଲେଖାଥିଲା ଯେ ଇଟାଲିଆନ୍ ପିଜ୍ଜା ଏଠାରେ ଉପଲବ୍ଧ । ତୁରନ୍ତ ଏକ ଫରାସୀ ପରିବାର ଭିତରକୁ ଯାଇ ବରାଦ ଦେଲା 'ପିଜ୍ଜା' । କିଛି କ୍ଷଣରେ ସେମାନଙ୍କୁ ମିଳିଲା 'ପିଜ୍ଜା' । ଖାଇବା ପରେ ଲିଥେସ୍ ଆଶ୍ଚର୍ଯ୍ୟ ହେଲେ ଯେ ଭାରତରେ ଏଭଳି ସ୍ୱାଦର ପିଜ୍ଜା ମିଳିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । ଏହା ଇଟାଲୀ ପିଜ୍ଜାଠାରୁ ମଧ୍ୟ ଅଧିକ ସୁଆଦିଆ ବୋଲି ସେ ସୋସିଆଲ ସାଇଟରେ ଅପଲୋଡ କରିଛନ୍ତି ।





## ଥଣ୍ଡା ତେଲ କ୍ଷତିକାରକ





ମୁଣ୍ଡବ୍ୟଥା ବା ଅବସାଦର ଶିକାର ହେବା ମାତ୍ରେ ସେଥିରୁ ତୁରନ୍ତ ଉପଶମ ପାଇବା ପାଇଁ ମୁଣ୍ଡରେ ଥଣ୍ଡା ତେଲକୁ ମାଲିସ କରିଥାନ୍ତି । ପ୍ରକୃତରେ ଏହା ଅନେକ ଉପଶମ ମଧ୍ୟ ଦେଇଥାଏ । କିନ୍ତୁ ମସ୍ତିଷ୍କ ପାଇଁ ଏହା ବହୁ କ୍ଷତିକାରକ ବୋଲି ଏକ ଗବେଷଣାରୁ ଜଣାଯାଇଛି । ବୈଜ୍ଞାନିକଙ୍କ ମତରେ ଥଣ୍ଡା ତେଲର ମାତ୍ରା ଯେତେ ଅଧିକ ତାହା ସେତିକି ମସ୍ତିଷ୍କ ପାଇଁ କ୍ଷତିକାରକ ହେବ । ଏହି ତେଲରେ ୫ଗ୍ରାମର କର୍ପୂର ମିଶିକରି ରହିଥାଏ । ଯାହା ମସ୍ତିଷ୍କକୁ ତୁରନ୍ତ ଶୀତଳ କରିଦେଇଥାଏ କିନ୍ତୁ ଏହା ପରବର୍ତ୍ତୀ ସମୟରେ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏହି ଗବେଷଣାରୁ ଜଣାଯାଇଛି ମହିଳାମାନେ ମୁଣ୍ଡ ବିନ୍ଧାର ଶିକାର ହେବା ମାତ୍ରେ ସେମାନେ ବଜାରରେ ଉପଲବ୍ଧ ପେନକ୍ଲିୟର ଖାଇଥାନ୍ତି ତେବେ ସେଥିରୁ ତାଙ୍କୁ କୌଣସି ଉପକାର ମିଳିନଥାଏ କିନ୍ତୁ ଥଣ୍ଡା ତେଲର ବ୍ୟବହାର କରିବା ଫଳରେ ତାଙ୍କୁ ତୁରନ୍ତ ଉପଶମ ମିଳିଥାଏ । ଯାହା ସମ୍ପୂର୍ଣ୍ଣ ରୂପେ କ୍ଷତିକାରକ ହୋଇଥାଏ ।

## ଠିକ୍‌ରେ ନରାନ୍ଧିଲେ ଭାତ ମଧ୍ୟ ହୋଇପାରେ କର୍କଟର କାରଣ!



'ଚାଉଳରୁ ଭାତ ସବୁଠି ରନ୍ଧା ତ ଭାତରୁ ଚାଉଳ କେଉଁଠି ହୁଏ ? ସଜନୀ ଲୋ ଜଗନ୍ନାଥ ଧାମ ସିଏ। ଇଏ ଗୋଟିଏ ଲୋକପ୍ରିୟ ପାଲାଗୀତ । କେଇ ବର୍ଷ ତଳେ ଇଣ୍ଟର୍ନେଟରେ ଗୀତଟି ଭାଇରାଲ ହୋଇଥିଲା । ଜଣେ ମୃଦଙ୍ଗ ବାଦକ ଗୀତଟି ଏମିତି ଛନ୍ଦ ଓ ତାଳରେ ଗାଇଥିଲେ ଯେ ତାହା ଓଡ଼ିଶାର ଲକ୍ଷଲକ୍ଷ ଜଗନ୍ନାଥ ଭକ୍ତଙ୍କୁ ଆମୋଦିତ ଓ ବିଭୋର କରିଥିଲା । ତେବେ କଥା ହେଉଛି, ଜଗନ୍ନାଥଙ୍କ ପରି ଓଡ଼ିଶାର ଘରେ ଘରେ ଚାଉଳରୁ ରନ୍ଧା ଭାତ ହିଁ ମୁଖ୍ୟ ଖାଦ୍ୟ ଭାବେ ବ୍ୟବହୃତ ହୋଇଥାଏ । କେବଳ ଓଡ଼ିଶା କାହିଁକି, ଭାରତ ସମେତ ସମଗ୍ର ଦକ୍ଷିଣ ଏସିଆରେ ଚାଉଳ ବା ଭାତ ହେଉଛି ପ୍ରମୁଖ ଖାଦ୍ୟ । ଏହା ସହଜରେ ମିଳେ । ସହଜରେ ରାନ୍ଧି ହୁଏ । ସ୍ୱାଦିଷ୍ଟ ବି । ତେଣୁ ଏହା ଲୋକପ୍ରିୟ । କିନ୍ତୁ ଚାଉଳକୁ ଯଦି ଠିକ ଭାବେ ରନ୍ଧା ନଯାଏ ଏହା ଲୋକଙ୍କ କର୍କଟ ରୋଗର କାରଣ ବି ହୋଇପାରେ । ଅବଶ୍ୟ ଏହି ଆଶଙ୍କା କେବଳ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରାଯାଇ ହେଉଥିବା ଧାନଚାଷ କ୍ଷେତ୍ରରେ ସୀମୀତ । ଜୈବିକ ପଦ୍ଧତିରେ ଧାନଚାଷ ହେଉଥିଲେ ଏହି ଆଶଙ୍କାର କାରଣ ନାହିଁ । ଆଜିକାଲି ଯେଉଁ ଧାନଚାଷ ହେଉଛି ଅଧିକ ଅମଳ ପାଇଁ ସରକାରଙ୍କ ପ୍ରରୋଚନାରେ ପଡ଼ି ଚାଷୀମାନେ ଅନେକ କିସମର ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରୁଛନ୍ତି । ଏହା ଫଳରେ ଅମଳ ଭଲ ହେଉଛି । ମାତ୍ର, ଧାନରେ ରାସାୟନିକ ସାର ଓ କୀଟନାଶକର ଅନେକ ଆର୍ସେନିକ ବା ଅମ୍ଳ ଅଂଶ ରହିଯାଉଛି । ସେଥିପାଇଁ ସାରା ବିଶ୍ୱରେ ଚାଉଳ ଏକ କାର୍ସିନୋଜେନିକ୍ ଖାଦ୍ୟ ବୋଲି ସାବିତ ହୋଇସାରିଲାଣି । କେବଳ ଧାନଚାଷରେ ଯେ ଏମିତି ସାର ଓ କୀଟନାଶକ ପ୍ରୟୋଗ ହେଉଛି ତାହା ନୁହେଁ, ଗହମ, ଡାଲି ଓ ପନିପରିବା ଚାଷରେ ମଧ୍ୟ ଏସବୁର ବ୍ୟବହାର ବଢ଼ିବଢ଼ି ଚାଲିଛି । ଇଂଲଣ୍ଡର ବେଲଫାଷ୍ଟରେ ଥିବା କୁଇନ୍ସ ବିଶ୍ୱବିଦ୍ୟାଳୟର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଭାତ ଖାଉଥିବା ଲୋକଙ୍କ ଦେହରେ କର୍କଟ ରୋଗ ସୃଷ୍ଟି ହେବାର ଆଶଙ୍କା ଅଧିକ । ଏହାର କାରଣ ହେଉଛି ଧାନରେ ଥିବା ଆର୍ସେନିକ ଅଂଶ । ଆମେରିକାର କାଲିଫର୍ଣ୍ଣିଆରେ ହୋଇଥିବା ଅନ୍ୟ ଏକ ଅନୁଧ୍ୟାନ ରିପୋର୍ଟରେ ମଧ୍ୟ ଉଲ୍ଲେଖ ଅଛି ଯେ ଭାତ ଖାଉଥିବା ମହିଳାଙ୍କଠାରେ ସ୍ତନ ଓ ଅନ୍ୟ ପ୍ରକାର କର୍କଟର ଆଶଙ୍କା ଅଧିକ । ଏହାର କାରଣ ମଧ୍ୟ ଭାତ ଜରିଆରେ ଦେହକୁ ଯାଉଥିବା ଆର୍ସେନିକ ବା ଅମ୍ଳ ଅଂଶ ।

## ମଜାଦାର୍ କାର୍ଯ୍ୟାଳୟ



ପ୍ରାୟ ପ୍ରତ୍ୟେକ କାର୍ଯ୍ୟାଳୟର ନିୟମାନୁସାରେ କାର୍ଯ୍ୟ କରିବାର ସମୟ ସ୍ଥିର କରାଯାଇଛି । କର୍ମଚାରୀମାନେ ସେହି ଅନୁସାରେ ଯାଇଥାନ୍ତି । ଇନ୍ଦୋରର ଏକ ଆଇଟି କମ୍ପାନୀ କିନ୍ତୁ କର୍ମଚାରୀମାନଙ୍କ ଲାଗି ଏପରି କାର୍ଯ୍ୟାଳୟ ବ୍ୟବସ୍ଥା କରିଛି ଯାହା ଏବେ ଚର୍ଚ୍ଚାରେ । ନ୍ୟୁ ଆଇଟି ପାର୍କରେ ଆରମ୍ଭ ହୋଇଥିବା ଏହି ଆଇଟି କମ୍ପାନୀରେ କର୍ମଚାରୀଙ୍କ ଯିବା ଆସିବା ପାଇଁ କୌଣସି ଧର୍ଯ୍ୟ ସମୟ ନାହିଁ । କେବଳ ଥରେ ଲଗଇନ କରିବା ପରେ ଆଠଘଣ୍ଟା କାମ କରିବାକୁ ହୁଏ । କମ୍ପାରନୀରେ କାମ କରୁଥିବା ଆଇଟି ବିଶେଷଜ୍ଞମାନଙ୍କ ଲାଗି କ୍ଲାନ୍ତି ଏବଂ ଟେନସନ ଦୂର କରିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି । ରାଜ୍ୟରେ ପ୍ରଥମଥର ପାଇଁ ମହିଳା କର୍ମଚାରୀମାନେ ସେମାନଙ୍କ ଶିଶୁର ଯତ୍ନ ନେଇପାରିବା ଲାଗି ନିଃଶୁଳ୍କ କ୍ରେଚ୍ ସୁବିଧା କରାଯାଇଛି । ଏଠାରୁ ସିସି ଟିଭିର ସିଧା ପ୍ରସାରଣ ସେମାନଙ୍କ ମୋବାଇଲରେ ହୋଇଥାଏ । ଫଳରେ ଯେକୌଣସି ସମୟରେ ପିଲା କ'ଣ କରୁଛି ତାହା କାର୍ଯ୍ୟରତ ମା' ମାନେ ଦେଖିପାରିବେ । ଏହା ପାଖରେ ସେମାନେ ପିଲାଙ୍କୁ ଖୁଆଇ ପାରିବା ଲାଗି କକ୍ଷ ରହିଛି । କାମ ବେଳେ କର୍ମଚାରୀମାନେ ନିଜକୁ ସତେଜ କରିବା ଲାଗି ଟେବୁଲ ଟେନିସ ବ୍ୟାଡମିଣ୍ଟନ ଆଦି ଖେଳିପାରିବେ । ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ସେଠାରେ ଜିମ ରଖାଯାଇଛି । ହସିବା ଏବଂ ଗୀତ ଶୁଣିବା ପାଇ ବି ହଲ ରହିଛି । ମୋବାଇଲରେ କଥା ହେବା ତଥା ଚାଲବୁଲ କରିବା ଲାଗି କାର୍ଯ୍ୟାଳୟ ପରିସରରେ ବଗିଚା କରାଯାଇଛି । କୌଣସି କର୍ମଚାରୀ ଅଧିକ କ୍ଲାନ୍ତ ଅନୁଭବ କରୁଥିଲେ ସେଠାରେ ଥିବା ବିଶ୍ରାମ କକ୍ଷକୁ ଯାଇ ଶୋଇପାରିବେ । ଭେଟିବାକୁ ଆସୁଥିବା ଆଗନ୍ତୁକମାନଙ୍କ ସହ ସାକ୍ଷାତ ପାଇଁ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଛି । ଇନ୍ଦୋରର ତିନିବନ୍ଧୁ ଅମିତ ଅଗ୍ରୱାଲ, କଲଦୀପ କୁଣ୍ଡଲ ,ବଂ ଅଭିଷେକ ପାରିଖ ୧୫ବର୍ଷ ତଳେ ରେସକୋର୍ସ ରୋଡସ୍ଥିତ ଏକ ଫ୍ଲାଟରେ ତିନିଜଣ କର୍ମଚାରୀଙ୍କୁ ନେଇ ଏହି କମ୍ପାନୀ ଆରମ୍ଭ କରିଥିଲେ । ଏବେ ୪୦ ପାଖାପାଖି ଦେଶରେ ଏହାର ବ୍ୟବସାୟ ଚାଲିଥିବାବେଳେ ଚାରୋଟି ଦେଶରେ କାର୍ଯ୍ୟାଳୟ ରହିଛି । ୨୦୦ରୁ ଅଧିକ କମ୍ପାନୀ ଏହି ଆଇଟି ଫାର୍ମର ସେବା ନେଉଛନ୍ତି । ଏବେ ଇନ୍ଦୋରରେ ଆଠଶହ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ୨୦୦୦ ବେକାରଙ୍କୁ ନିଯୁକ୍ତି ଦେବା ଲାଗି ଲକ୍ଷ୍ୟ ରଖିଛି କମ୍ପାନୀ ।










## ଅବିଶ୍ୱନୀୟ ନିର୍ମାଣ

ବିଲ୍ଡିଂ ତ ବହୁତ ରହିଛି । କିନ୍ତୁ ଆଖି ଲାଖିଯିବା ଭଳି ବିଲ୍ଡିଂ ଏ ପୃଥିବୀରେ ଖୁବ କମ । ନିର୍ମାଣ ଶୈଳୀରୁ ଅବିଶ୍ୱନୀୟ ମନେ ହେଉଥିଲେ ବି ଏଗୁଡ଼ିକର ଅସ୍ତିତ୍ୱ ମିଛ ନୁହେଁ ।

### ବସ୍କେଟ ବିଲ୍ଡିଂ:

ଏହି ବିଲ୍ଡିଂ ଆମେରିକାର ଓହାୟୋଠାରେ ଅବସ୍ଥିତ । ସାତ ମହଲା ବିଶିଷ୍ଟ ଏହି ବିଲ୍ଡିଂରେ ରହିଛି ଲଙ୍ଗବର୍ଜର ବାସ୍କେଟ୍ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ । ବିଲ୍ଡିଂର ଭିତର ଭାଗକୁ ସମ୍ପୂର୍ଣ୍ଣ କାଚରେ ସିଲିଂ କରାଯାଇଛି ଯାହା ମଧ୍ୟ ଦେଇ ବିଲ୍ଡିଂ ଉପରେ ବାସ୍କେଟର ଦୁଇ ହ୍ୟାଣ୍ଡେଲ ଏକାଠି ହୋଇଥିବା ଦେଖିବାକୁ ମିଳେ ।



### କାନସାସ୍ ସିଟି ଲାଇବ୍ରେରୀ:

ଏହା ଆମେରିକାର ମିସୌରିଠାରେ ଅବସ୍ଥିତ । ଏହି ଲାଇବ୍ରେରୀର ବାହାର ପଟ କାନ୍ଥଟି 'କମ୍ୟୁନିଟି ବୁକସେଲ୍ଫ' ଡିଜାଇନରେ ନିର୍ମାଣ ହୋଇଛି । ଯାହା ଦେଖିବାକୁ ଠିକ୍ ରହିଥାକ ପରି । ଏହି କାନ୍ଥର ଡିଜାଇନ ଏପରି କରାଯାଇଛି ଯେ ବହି ଥାକରେ ୨୨ଟି ବହି ରଖାଯାଇଛି । ବୋଲି ମନେ ହୁଏ ।




### ପିଆନୋ ହାଉସ୍:

ଏହା ଚୀନର ହୁଇ ଅଞ୍ଚଳରେ ଅବସ୍ଥିତ । ସ୍ଥାନୀୟ ଅଞ୍ଚଳର ବିକାଶ ତଥା ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ସରକାର ଏହି ବିଲ୍‌ଡିଂଟି ନିର୍ମାଣ କରିଥିଲେ । ପିଆନୋ ହାଉସ ହେଉଛି ସମ୍ପୂର୍ଣ୍ଣ ସଂଗୀତ ଓ କଳାର ମିଶ୍ରଣସ୍ଥଳୀ ।




### ବାରକୋଡ୍ ବିଲ୍ଡିଂ:

ବାରକୋଡ୍ ବିଲ୍ଡିଂ ରୁଷିଆର ପିଟର୍ସବର୍ଗଠାରେ ଅବସ୍ଥିତ । ଏହା ବାରକୋଡ୍ ଡିଜାଇନରେ ତିଆରି ହୋଇଛି । ଏଠାକାର ଲମ୍ବା ଝରକା ବାରକୋଡର ଭ୍ରମ ସୃଷ୍ଟି କରିଥାଏ । ଏହି ଝରକାର ଆକାର ସହ ଘରର କାନ୍ଥରେ ଦିଆଯାଇଥିବା ଗାଢ଼ ଲାଲ ରଙ୍ଗ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ।




### କ୍ରେଜଓ୍ୱି ଡୋମେକ୍:

 କ୍ରେଜଓ୍ୱି ଡୋମେକ୍ ପୋଲାଣ୍ଡର ସପୋଟଠାରେ ଅବସ୍ଥିତ । ଏହି ବିଲ୍ଡିଂରେ ଅନେକ କମ୍ପାନିର କାର୍ଯ୍ୟାଳୟ ଅବସ୍ଥିତ । ଏହା ସେଠାକାର ଟ୍ରାଇସିଟିର ସପ୍ତାହଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ଭାବେ ପରିଗଣିତ । ଏହି ଟ୍ରାଇସିଟି ହେୁଛି ସପୋଟ, ଗିଡୋନିଆ ଓ ଡିଡାନସ୍କ ।



## ହନି କ୍ରଞ୍ଚି ପନିର

**ଆବଶ୍ୟକ ସାମଗ୍ରୀ:** ପନିର, କର୍ଣ୍ଣଫ୍ଲୋର, ଲୁଣ, ଅଦା ରସୁଣ କଟା, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା, ବସା ଦହି, କନଫ୍ଲେକ୍ସ ଗୁଣ୍ଡ, କଞ୍ଚା ଲଙ୍କା ଓ ମହୁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କିଛି ପନିର ନିଅନ୍ତୁ । ତାକୁ ବଡ଼ ବଡ଼ ପିସ୍ କରି କାଟି ଏକ ପାତ୍ରରେ ରଖନ୍ତୁ । ପରେ କର୍ଣ୍ଣଫ୍ଲୋରରେ ଲୁଣ ଓ ଅଳ୍ପ ପାଣି ମିଶାଇ ଆଣ ପ୍ରସ୍ତୁତ କରନ୍ତୁ । ଏହାପରେ କଟା ପନିରରେ ସ୍ୱାଦ ଅନୁସାରେ ଲୁଣ, ଅଦା-ରସୁଣ କଟା, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା, ଅଳ୍ପ କର୍ଣ୍ଣଫ୍ଲୋର ଓ ବସା ଦହି ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ଏବେ କରେଇରେ ତେଲ ଗରମ କରନ୍ତୁ । ଏହାପରେ ମସଲା ଗୋଳା ପନିରକୁ କର୍ଣ୍ଣଫ୍ଲୋର ଆଣରେ ବୁଡ଼ାଇ ଦିଅନ୍ତୁ ଏବଂ ଏହା ପରେ କନଫ୍ଲେକ୍ସ ଗୁଣ୍ଡରେ ଗୋଳାଇ ତେଲରେ ଛାଣି ଏକ ପାତ୍ରରେ ରଖନ୍ତୁ । ଏହାପରେ ପୁଣି କରେଇରେ ତେଲ ଗରମ କରନ୍ତୁ । ସେଥିରେ କଟା କଞ୍ଚା ଲଙ୍କା ଓ କଟା ରସୁଣ ପକାଇ ଭାଜନ୍ତୁ । ଲଙ୍କା ଓ ରସୁଣ ଭାଜି ହେବାପରେ ସେଥିରେ ଅଳ୍ପ ପାଣି ଦିଅନ୍ତୁ । ପାଣି ଫୁଟିବା ପରେ ମହୁ ଓ ଅଳ୍ପ କର୍ଣ୍ଣଫ୍ଲୋର ପକାଇ ଭଲ ଭାବରେ ଗୋଳାନ୍ତୁ । ମସଲାଟି ହେବା ପରେ ତାକୁ ପୂର୍ବରୁ ରଖିଥିବା ଛଣା ପନିର ଉପରେ ପକାନ୍ତୁ । ପ୍ରସ୍ତୁତ ହୋଇଗଲା ହନି କ୍ରଞ୍ଚି ପନିର ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କଂଗ୍ରେସର ପଞ୍ଜାବ ଏକ୍ସପେରିମେଣ୍ଟ ...

ଦୀର୍ଘଦିନ ଧରି କୁହୁଳୁଥିବା ପଂଜାବ ରାଜନୀତି ଏବେ ହଠାତ୍ ସରଗରମ ହୋଇଉଠିଛି। କ୍ୟାପ୍ଟେନ୍ ଅମରୀନ୍ଦର ସିଂହଙ୍କ ଇସ୍ତଫା ପରେ ସେଠାରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିବା ସକାଶେ ଘମାଘୋଟ ଆଲୋଚନା ପରେ ଚରଣଜିତ୍ ସିଂହ ଚନ୍ନିଙ୍କୁ ନୂତନ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଛି। ଏହି ଦୌଡ଼ରେ ସୁଖଜିନ୍ଦର ସିଂହ ରନ୍ଧୱାଙ୍କ ଠାରୁ ନେଇ ସୁନୀଲ ଝାଖଡ଼, ଅମ୍ବିକା ସୋନୀ, ସୁଖବୀନ୍ଦର ସିଂହ ସରକାରିଆ ଓ ତ୍ରିପ୍ତି ରାଜୀନ୍ଦର ବାଜୱା ଆଦିଙ୍କ ନାମ ଶୁଣାଯାଉଥିଲା। ତେବେ ଶେଷରେ ଶ୍ରୀ ଚନ୍ନିଙ୍କ ମୁଣ୍ଡରେ ହାତୀ ସୁନା କଳସ ଢ଼ାଳିଛି। ରାଜ୍ୟ ରାଜନୀରେ ଏଭଳି ପଟ୍ଟ ପରିବର୍ତ୍ତନକୁ ରାଜନୈତିକ ସମୀକ୍ଷକମାନେ ସମସ୍ୟାର ସମାଧାନ ପରିବର୍ତ୍ତେ ଏବେ ଖୋଲା ମୈଦାନରେ ପଂଜାବ କଂଗ୍ରେସ ଦଳ ଭିତର ଚାଲିଥିବା ଗୋଷ୍ଠୀ କନ୍ଦଳର ଆହୁରି ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ପୂର୍ବାନୁମାନ କରୁଛନ୍ତି। ଆସନ୍ତାବର୍ଷ (୨୦୨୨ ମସିହା) ଫେବୃଆରୀ ଅବା ମାର୍ଚ୍ଚ ମାସ ମଧ୍ୟରେ ପଂଜାବ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ସେଠାରେ ଯେଉଁଭଳି ନାଟକୀୟ ଢ଼ଙ୍ଗରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଘଟିଛି ତାହାକୁ ସ୍ୱାଭାବିକ ବୋଲି ବିବେଚନା କରାଯାଇନପାରେ। ପଂଜାବର କଂଗ୍ରେସ ସଂଗଠନ ଭିତରେ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ୍ ଅମରୀନ୍ଦର ସିଂହ ଏବଂ ବର୍ତ୍ତମାନର ପିସିସି ମୁଖ୍ୟ ନଭଜୋତ ସିଂହ ସିଦ୍ଧୁଙ୍କ ମଧ୍ୟରେ ଲାଗିଥିବା ଗୋଷ୍ଠୀ ବିବାଦ ଢ଼େର୍ ପୁରୁଣା। ଏପରିକି ପିସିସି ମୁଖ୍ୟ ହେବା ପୂର୍ବରୁ ସୁଦ୍ଧା ଶ୍ରୀ ସିଦ୍ଧୁ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ସିଂହଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିବା ସହିତ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ନିମନ୍ତେ ବାରମ୍ବାର ହାଇକମାଣ୍ଡଙ୍କ ନିକଟରେ ଦାବି କରିଆସୁଥିଲେ। ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ସହ ଘନିଷ୍ଠତା ସତ୍ତ୍ୱେ ସିଦ୍ଧୁଙ୍କ ଦାବି ପ୍ରତି ବିଶେଷ ଧ୍ୟାନ ନଦେଇ ସେଠାରେ ନେତୃତ୍ୱ ଅପରିବର୍ତ୍ତିତ ରଖାଯାଇଥିଲା। ତେବେ ଗତ ପାଂଚମାସ ତଳେ ସିଦ୍ଧୁଙ୍କୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟ କରାଯିବା ପରେ ପରିସ୍ଥିତି ଭିନ୍ନ ମୋଡ଼ ନେଇଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଥିବା ମତଭେଦ ଓ ବିବାଦ ଆହୁରି ତୀବ୍ର ଆକାର ଧାରଣ କରିଥିଲା। ଏହା ସତ୍ତ୍ୱେ ପଂଜାବ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ହରିଶ ରାୱତ୍ ଏକାଧିକ ବାର ରାଜ୍ୟ ଗସ୍ତକରି ଏହା ସ୍ପଷ୍ଟ କରିଥିଲେ ଯେ କ୍ୟାପ୍ଟେନ ସିଂହଙ୍କ ନେତୃତ୍ୱରେ ହିଁ ଦଳ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବ। ଅର୍ଥାତ, ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରାଯିବ ନାହିଁ। କିନ୍ତୁ ଏବେ ତାହାର ଠିକ୍ ଓଲଟା ଘଟଣା ଘଟିଲା। କିନ୍ତୁ ଏହାକୁ ସିଦ୍ଧୁ ଗୋଷ୍ଠୀର ଏହାଯେ ବିଜୟ ତାହା କଦାପି କୁହାଯାଇପାରିବ ନାହିଁ। ଅବଶ୍ୟ ନୂତନ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବା ଶ୍ରୀ ଚନ୍ନି ସିଦ୍ଧୁଙ୍କର ଘନିଷ୍ଠ ସମର୍ଥକ, ତାହା ସମସ୍ତଙ୍କୁ ଜଣା। କିନ୍ତୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରାଇ ସିଦ୍ଧୁଙ୍କ ଦାବିକୁ ଗ୍ରହଣ କରିଥିବା ହାଇକମାଣ୍ଡ ତାଙ୍କ ପାଇଁ ଆଉ ଏକ ଅଗ୍ନିପରୀକ୍ଷା ସେ ଧାର୍ଯ୍ୟ କରିଛନ୍ତି ସୁନିଶ୍ଚିତ। ତାହା ହେଲା ୨୦୨୨ ବିଧାନସଭା ନିର୍ବାଚନରେ ଦଳର ସଫଳତା। ଯଦି ସିଦ୍ଧୁଙ୍କ ନେତୃତ୍ୱରେ କଂଗ୍ରେସ ଆଗାମୀ ବିଧାନସଭା ନିର୍ବାଚନରେ ବିଜୟୀ ହୁଏ ତେବେ କ୍ୟାପ୍ଟେନ ଅମରୀନ୍ଦର ସିଂହଙ୍କ ପ୍ରଭାବ ନିଃଶେଷ ହେବା ସୁନିଶ୍ଚିତ। କିନ୍ତୁ ଯଦି ଫଳ ଓଲଟା ଫଳେ ତେବେ ସିଦ୍ଧୁଙ୍କ ପାଇଁ ମଧ୍ୟ ଦଳରେ ଭବିଷ୍ୟତ ଅନିଶ୍ଚିତ ହୋଇଯିବ। ବିବାଦ ସତ୍ତ୍ୱେ ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପଂଜାବରେ କଂଗ୍ରେସକୁ ବିଜୟୀ କରାଇବାରେ ଅମରୀନ୍ଦର ସିଂହଙ୍କର ଯଥେଷ୍ଟ ଭୂମିକା ଥିଲା। ଏକ ଜାତୀୟ ଦଳ ଭାବେ କଂଗ୍ରେସର ଦଶା ୨୦୧୪ ମସିହାଠାରୁ ଯେଉଁଭଳି ଦୟନୀୟ ଅବସ୍ଥାରେ ରହିଛି ତାହା କଂଗ୍ରେସକୁ ଅଛପା ନାହିଁ। କେନ୍ଦ୍ରଠାରୁ ଆରମ୍ଭ କରି ଅନେକ ରାଜ୍ୟରେ କଂଗ୍ରେସ କ୍ଷମତାରୁ ହଟି ସାରିଛି। ଯେଉଁଠାରେ ଏହା କ୍ଷମତାରେ ରହିଛି ସେଠାରେ ଗୋଷ୍ଠୀ କନ୍ଦଳ ଓ ନେତୃତ୍ୱ ପରିବର୍ତ୍ତନକୁ ଦଳକୁ ଯେ ଆହୁରି ଦୁର୍ବଳ କରାଉଛି ତାହା ବୁଝିବା କାହାରି ବାକି ନାହିଁ। କେବଳ ପଂଜାବ ନୁହେଁ, ମଧ୍ୟପ୍ରଦେଶ ଠାରୁ ଆରମ୍ଭ କରି ରାଜସ୍ଥାନ ପର୍ଯ୍ୟନ୍ତ ଏହାର ତାଲିକା ଦୀର୍ଘ। ତଥାପି ଦଳ ସେଥିରୁ କିଛି ଶିକ୍ଷାଲାଭ କରିବା ପରି ମନେହୁଏ ନାହିଁ। କଂଗ୍ରେସ ଦଳରେ ଗୋଷ୍ଠୀ ବିବାଦର ଯେଉଁ ସୁଦୀର୍ଘ ପରମ୍ପରା ରହିଛି ପଂଜାବ ତାହାର ଏକ ନମୁନା। ତେଣୁ ସେଠାରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନକୁ ଅନ୍ୟ ପ୍ରମୁଖ ଦଳମାନେ କଂଗ୍ରେସ ଶାସନର ବିଫଳତା ବୋଲି ସମାଲୋଚନା କରିବା ସ୍ୱାଭାବିକ। କ୍ଷମତା ପରିବର୍ତ୍ତନ ପରେ ଲକ୍ଷ୍ୟ କରିବା କଥା, ସେ ରାଜ୍ୟରେ ଗୋଷ୍ଠୀ ବିବାଦ କେତେ ମାତ୍ରାରେ ପ୍ରଶମିତ ହେଉଛି ଏବଂ ଆଗାମୀ ବିଧାନସଭା ନିର୍ବାଚନ ଦଳ ପାଇଁ କି ପରିମାଣ ଆଣୁଛି।

# ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ



**ପ୍ରଦୀପ୍ତ ଆଚାର୍ଯ୍ୟ**

ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ତୃତୀୟ ମଙ୍ଗଳବାରରେ ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ ୧୯୮୧ ମସିହାରେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ।ଏହିଦିନ ଜାତିସଂଘ ସାଧାରଣ ପରିଷଦର ବାର୍ଷିକ ଅଧିବେଶନ ଆରମ୍ଭ ହେଉଥିବାରୁ,ଏହି ଦିବସଟିକୁ ଶାନ୍ତି ଦିବସ ରୂପେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ସମଗ୍ର ପୃଥିବୀରେ , ପରସ୍ପର ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରି ଏହାକୁ ଦୃଢୀଭୁତ କରିବା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଏକମାତ୍ର ମୁଖ୍ୟ ଲକ୍ଷ୍ୟ। ଏହାର ଠିକ୍ ଦୁଇ ଦଶନ୍ଧି ପରେ, ୨୦୦୧ମସିହାରେ ,ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ଏହି ଦିବସ ପାଳିତ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ, ଏକ ସଂଶୋଧନ ପ୍ରସ୍ତାବ ଗୃହୀତ କରାଇଥିଲେ। ୨୦୦୨ ମସିହା ଠାରୁ ଅଦ୍ୟାବଧି , ଏହି ଦିବସ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ପାଳିତ ହୋଇ ଆସୁଅଛି। ଇତିହାସ ଅଧ୍ୟୟନରୁ ଜଣାଯାଏ ଯେ, ପୂର୍ବ କାଳ ଅପେକ୍ଷା,ବର୍ତମାନ ଯୁଗରେ ଶାନ୍ତିର ବାତାବରଣ କ୍ରମେ ହ୍ରାସ ପାଉଅଛି। ଅନେକ ରାଷ୍ଟ୍ର ମୁଖ୍ୟ ମାନଙ୍କର, ସାମ୍ରାଜ୍ୟବାଦ ଓ ବିସ୍ତାରବାଦ ନୀତି ତଥା ନିଜକୁ ବିଶ୍ୱର ଶ୍ରେଷ୍ଠ ଶକ୍ତି ରୁପେ ପ୍ରତିପାଦିତ କରିବାର ଆକାଂକ୍ଷା , ବେଳେ ବେଳେ ପୃଥିବୀରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରି ମାନବ ସମାଜକୁ ଭୟାବହ ବିପଦ ଭିତରକୁ ଟାଣି ନେଇ,ଅଶାନ୍ତିର ଦାବାଗ୍ନି ପ୍ରଜ୍ୱଳିତ କରାଇ ଦେଉଛି। ବ୍ୟକ୍ତିଗତ ସ୍ତରରେ ମଧ୍ୟ,କିଛି ଲୋକଙ୍କର ସ୍ୱାର୍ଥପରତା,ଲୋଭ,ଦୁର୍ବଳକୁ ଉତ୍ପୀଡନ କରିବାର ଜାନ୍ତବ ଅଭିଳାଷ,ସମାଜରେ ବହୁ ପରିମାଣରେ ଅଶାନ୍ତି ସୃଷ୍ଟି କରୁଅଛି। ବିଶ୍ୱ ଶାନ୍ତି ଦିବସରେ,ଜନ ମାନସରେ କେବଳ ଶାନ୍ତି ବଜାୟ ରଖିବା ବା ପ୍ରୋତ୍ସାହିତ କରିବା କାର୍ଯ୍ୟ ବ୍ୟତୀତ, ଗୋଷ୍ଠୀଗତ ଓ ରାଷ୍ଟ୍ରଗତ ବିବାଦକୁ ସମାଧାନ କରି ,ପ୍ରତ୍ୟକ୍ଷ ଯୁଦ୍ଧରୁ ନିବୃତ କରାଇ ଅହିଂସାର ପ୍ରତିଷ୍ଠା ଦିଗରେ ଶତ ପ୍ରତିଶତ ପ୍ରଚେଷ୍ଟା ଜାରି କରା ଯାଉଅଛି। ଜାତିସଂଘ ପ୍ରତିଷ୍ଠା ହେବା ପରଠାରୁ,କେହି କାହା ବିରୁଦ୍ଧରେ ବଳ ପ୍ରୟୋଗ କରିବା ବା ଅନ୍ୟ ରାଷ୍ଟ୍ରର ସ୍ୱାଧୀନତା, ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରିବା କାର୍ଯ୍ୟକୁ, ସର୍ବଦା ନିରୁତ୍ସାହିତ କରି ଆସିଅଛି। କିନ୍ତୁ ବର୍ତମାନ କେତେକ ପ୍ରଭାବଶାଳୀ ସଭ୍ୟ ରାଷ୍ଟ୍ରଙ୍କ ସ୍ୱାର୍ଥପରତା ଓ ଜିଦ୍‌ଖୋର ମନୋବୃତି ଯୋଗୁଁ , ଜାତିସଂଘ ଶାନ୍ତି ବ୍ୟାହତ କରୁଥିବା ରାଷ୍ଟ୍ର ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅସହାୟ ବୋଧ କରୁଅଛି। ତେଣୁ ଆଜି ଏ ଅଶାନ୍ତ ପୃଥିବୀରେ, ସାଧାରଣ ଲୋକଙ୍କର, ଶାନ୍ତି ପ୍ରତିଷ୍ଠାକାରୀ ଓ ଶାନ୍ତି ରକ୍ଷାକାରୀଙ୍କ ଉପରେ ପ୍ରକଟ କରିଥିବା ଦୃଢ ଆସ୍ଥା କ୍ରମେ କ୍ରମେ ହ୍ରାସ ପାଉଛି।ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା , ଅନେକ ସମସ୍ୟା ଓ ଅଶାନ୍ତି ର ମୂଳ କାରଣ। ଅର୍ଥନୈତିକ ଅସମାନତା ଅଶାନ୍ତି ସୃଷ୍ଟିର ଅନ୍ୟତମ କାରଣ। ଯଦି ଜଣେ ଲୋକ ତାର ମୌଳିକ ଆବଶ୍ୟକତା ଖାଦ୍ୟ ବସ୍ତ୍ର ବାସଗୃହ ତଥା ଏକ ସୁସ୍ଥ ନିରାମୟ ଜୀବନ ଯାପନ ପାଇଁ ଅସୁବିଧାର ସମୁଖୀନ ହୁଏ,ତେବେ ସେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କ ବିରୁଦ୍ଧରେ ଈର୍ଷାପରାୟଣ ହେବା ଏବଂ ଅସହିଷ୍ଣୁତା ପ୍ରଦର୍ଶନ କରିବା ଏକ ସ୍ୱାଭାବିକତା। ବେଳେ ବେଳେ କିଛି ବ୍ୟକ୍ତି ବା ରାଷ୍ଟ୍ର ମୁଖ୍ୟ ଅଧିକ ଅର୍ଥ ଓ କ୍ଷମତାର ଅଧିକାରୀ ହୋଇଗଲେ, ସେମାନଙ୍କ ଆଚରଣରେ ସ୍ୱେଚ୍ଛାଚାରୀତା ଏବଂ କ୍ରୁରତା ଲକ୍ଷ୍ୟ କରାଯାଏ ଓ ସେମାନେ ଅନେକ ସମୟରେ ବିଭିନ୍ନ ଅଶାନ୍ତି ସୃଷ୍ଟିର କାରଣ ହୋଇ ଯାଆନ୍ତି। ପୃଥିବୀର ସମସ୍ତ ଅଂଚଳର ଲୋକ ମାନଙ୍କର ଶାରୀରିକ ଗଠନ, ଖାଦ୍ୟ, ବସ୍ତ୍ର, ବାସଗୃହ,ଧର୍ମ, ସାମାଜିକ ପରମ୍ପରା,ଭାଷା,ଭୌଗଳିକ ସ୍ଥିତି ଭିନ୍ନ ଭିନ୍ନ ହୋଇଥିଲେହେଁ,ଶାନ୍ତି ପ୍ରାପ୍ତି ସମସ୍ତଙ୍କର ଏକାନ୍ତ କାମ୍ୟ। ୧୯୮୪ରେ ବିଶ୍ୱବ୍ୟାପୀ ଏକ ଶାନ୍ତିର ତରଙ୍ଗ ସୃଷ୍ଟି କରିବା ନିମନ୍ତେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ବ୍ୟକ୍ତି ବିଶେଷ, ସଂପ୍ରଦାୟ, ଅନୁଷ୍ଠାନ ଏବଂ ରାଷ୍ଟ୍ର ମାନଙ୍କୁ ନେଇ ଏକ (ନୀରବ ମୁହୁର୍ତ)ର ଆହ୍ୱାନ ଦେଇଥିଲେ। ଦାରିଦ୍ର୍ୟତାର ବିଲୋପ ସାଧନ, ସମସ୍ତଙ୍କ ପାଇଁ ଖାଦ୍ୟ ଓ ସ୍ୱାସ୍ଥ ବ୍ୟବସ୍ଥା ତଥା ନ୍ୟାୟ ପ୍ରଦାନରେ ସମାନତା, ଏ ସମାଜରୁ ଅନେକାଂଶରେ ହିଂସା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟ ହେବ। ଆଜିର ଦିବସ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ। ଏ ସମାଜରେ ସମାଜରୁ ଅନେକାଂଶରେ ହିଂସା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟ ହେବ। ଆଜିର ଦିବସ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ।ଏ ସମାଜରେ ବିଭିଷିକାମୟ ନରସଂହାର,ଅସୁୟା ଭାବ, ହିଂସା, ଦ୍ୱେଷ, ପରଶ୍ରୀକାତରତା, ଅହଂକାର, ଗର୍ବ, ସ୍ୱାର୍ଥପରତା ଭିତରେ ଅଶାନ୍ତିରେ କାଳାତିପାତ କରିବା ନାଁ ସ୍ନେହ, ପ୍ରେମ, ଭାତୃତ୍ୱଭାବ, ସହନଶୀଳତା, ନିସ୍ୱାର୍ଥପରତା ଓ ସଦିଚ୍ଛାକୁ ପାଥେୟ କରି ଶାନ୍ତିରେ ଜୀବନ ଯାପନ କରିବା ? ଈଶ୍ୱରଙ୍କ ସୃଷ୍ଟିରେ ମାନବ ଏକ ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ତାର ମନ ଏକ ଅଦ୍ଭୁତ ଉପାଦାନରେ ଗଠିତ। ଆସୁରିକ ଗୁଣ ଓ ସ୍ୱର୍ଗୀୟ ଗୁଣ ମଧ୍ୟ ଜନ୍ମଗତ ପ୍ରାପ୍ତ। କିନ୍ତୁ ପରିବେଶ ଓ ପରିସ୍ଥିତିର ଚାପରେ ତାର ଗୁଣ ମଧ୍ୟ ଅନେକାଂଶରେ ପରିବର୍ତୀତ ହୋଇଥାଏ। ଗଣତାନ୍ତ୍ରିକ ପଦ୍ଧତିରେ ,ଜାତି ଧର୍ମ ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ, ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ଉତମ ମାର୍ଗ। ଶାନ୍ତି ପ୍ରତିଷ୍ଠା ନିମନ୍ତେ ସର୍ବୋତ୍କୃଷ୍ଟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ୧୯୦୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ୨୦୦୮ ମସିହାରେ ଆଇସଲ୍ୟାଣ୍ଡକୁ ସର୍ବଶ୍ରେଷ୍ଠ ଶାନ୍ତିକାମୀ ରାଷ୍ଟ୍ର ରୂପେ ଘୋଷଣା କରା ଯାଇଥିଲା ଏବଂ ଅଦ୍ୟାବଧି ତାହା ବଜାୟ ରହିଅଛି। ଆଜି ବିଶ୍ୱରେ ଆତଙ୍କବାଦ ଏକ କରାଳ ରୂପରେ ଉଭାସିତ। ହିଂସା କେବେବି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହୋଇ ପାରିବ ନାହିଁ। ଆଜି ଆଫଗାନିସ୍ଥାନର ବିଭିଷିକାମୟ ରକ୍ତରଂଜିତ ଅଧ୍ୟାୟ ଏବଂ ସେଠାକାର ଅଧିବାସୀ ମାନଙ୍କର ଜୀବନ ଓ ଅଧିକାର ଭିକ୍ଷା ନିମନ୍ତେ କରୁଣ ଆର୍ତଚିତ୍କାର, ଯେକୌଣସି କଠୋର ବ୍ୟକ୍ତିର ହୃଦୟକୁ ଦୋହଲାଇ ଦେବ, ଏଥିରେ ସନ୍ଦେହ ନାହିଁ। ତେଣୁ ଆଜି ସମସ୍ତେ ଶପଥ ନେବା,ନିଜର ସ୍ୱର୍ଗୀୟ ମାନବିକତା ଗୁଣର ପ୍ରୟୋଗରେ , ଏ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ତଥା ହିଂସ୍ରତା ଆଚରଣ କରୁଥିବା ବ୍ୟକ୍ତି ବିଶେଷ ତଥା ରାଷ୍ଟ୍ର ମୂଖ୍ୟ ମାନଙ୍କ ଉପରେ ନୈତିକ ଚାପ ପକାଇ ଏତାଦୃଶ କାର୍ଯ୍ୟରୁ ନିବୃତ କରାଇ,ଆଜି "ବିଶ୍ୱ ଶାନ୍ତି ଦିବସ"ର ସାର୍ଥକତା ପ୍ରତିପାଦନ କରିବା।

+ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦

# ଶ୍ରୀମଦ୍ଭାଗବତ ଜନ୍ମ : ଅତିବଡି ଜଗନ୍ନାଥ ଦାସ



**ସୁଷମା ପରିଜା**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେ ଶିବଙ୍କ କୋପରୁ ରକ୍ଷା ପାଇବା ଲାଗି ସେ ପ୍ରାଣ ବିକଳରେ ଧାଇଁଲା। ଆଗେ ଆଗେ ପକ୍ଷୀ, ପଛେ ପଛେ ଶିବ ... ଦୁହେଁ ଧାବମାନ ହେଉଥାନ୍ତି। ଧାଇଁ ଧାଇଁ ଶୁକପକ୍ଷୀଟି କ୍ଳାନ୍ତ ହୋଇ ପଡିଲା," ଆଉ ଧାଇଁ ପାରିବିନି, ଏଇଠି ମରିବାକୁ ପଡିବ ମତେ "ଏହା ମନରେ ଭାବି ନାରାୟଣଙ୍କୁ ସ୍ମରଣ କଲା। ଏତିକି ବେଳେ ଦେଖିଲା ସରସ୍ୱତୀ ନଦୀ ତଟରେ ସ୍ନାନରତା ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀଙ୍କୁ। ପ୍ରାଣରକ୍ଷା ପାଇଁ ବିକଳରେ ତାଙ୍କରଜଳ ଅଞ୍ଜଳିରେ ପଡି ତାଙ୍କରି ଗର୍ଭକୁ ପଶିଗଲା ଶୁକପକ୍ଷୀଟି। ସେଇ ଗର୍ଭରେ ବାର ବର୍ଷଲୁଚି ରହି ପରଂବ୍ରହ୍ମଙ୍କୁ ଧ୍ୟାନ କରିବା ପରେ ମାତ୍ର ଗର୍ଭରୁ ବାହାରକୁ ଆସିଲେ "ଶୁକମୁନି" ରୂପରେ। ବ୍ରହ୍ମବେତ୍ତା ଶୁକ ମୁନିଙ୍କ କଣ୍ଠରୁ ଝରି ଆସିଲା ଅମୃତର ଧାରା "ଭାଗବତ କଥାମୃତ"। ସଂପୂର୍ଣ୍ଣ ଜୀବଜଗତ କଲ୍ୟାଣ ସାଧନ ନିମିତ୍ତଆପ୍ତବାଣୀ ମାନ। ଶ୍ରୀମଦ୍ଭାଗବତ ମହାପୁରାଣ, ସାରା ଜଗତ ପାଇଁ ମହାଜ୍ଞାନ।

ସେଥିପାଇଁ ବ୍ୟାସଦେବ ଲେଖିଲେ.
"ନିର୍ଗମ କଳ୍ପତ ରୋଗଳିତଂ ଫଳଂ ଶୁକ ମୁଖାଦ୍ ଅମୃତ ଦ୍ରବଂ ସଂଯୁକ୍ତଂ
ପିବତ ଭାଗବତଂ ରସଂ ମଧୁଙ୍ଗ ମୁହୁର ହୋଁ ରସିକାଃ ଭୁବି ଭାବୁକାଃ।।

ଶ୍ରୀମଦ୍ଭାଗବତର ମହିମା ଅନନ୍ୟ। ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ ହେଲେ ଭାଗବତ। ବ୍ରହ୍ମଶାପରେ ସନ୍ତାପିତ ଚନ୍ଦ୍ରବଂଶୀ ପରୀକ୍ଷିତ ମହାରାଜଙ୍କର ପାପ ଲାଘବ ଅର୍ଥେ ଶୁକ ମୁନି କହିଲେ ରାଜା ପରୀକ୍ଷିତଙ୍କୁ ଶ୍ରୀମଦ୍ଭାଗବତ କଥା।

ଆହୁରି ମଧ ଭାଗବତ ମହାପୁରାଣ ଅନୁସାରେ ଭାଗବତ କଥ। ସ୍ୱୟଂ ଭଗବାନ ବିଷ୍ଣୁଙ୍କ ମୁଖରୁ ନିସୃତ ହୋଇଥିଲା ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପାଇଁ, ବ୍ରହ୍ମା ସେହି ଜ୍ଞାନପ୍ରଦାନ କରିଥିଲେ ତାଙ୍କର ପ୍ରିୟ ପୁତ୍ର ନାରଦ ମୁନିଙ୍କୁ, ନାରଦ ଙ୍କ ଠାରୁ ଜ୍ଞାନପ୍ରାପ୍ତ ହୋଇଥିଲେ ବ୍ୟାସଦେବ। ସେହି ଜ୍ଞାନକୁ ବ୍ୟାସଦେବ ମହାରାଜ ପରୀକ୍ଷିତଙ୍କୁ ଶୁଣେଇ ଥିଲେ ତାଙ୍କୁ ବ୍ରହ୍ମଶାପରୁ ମୁକ୍ତ କରିବା ପାଇଁ। କଥିତ ଅଛି ଯେ ମହାରାଜ ପରିକ୍ଷିତଙ୍କୁ ବ୍ୟାସ ଦେବତାଙ୍କର ତିତଅଠର ହଜାର ଶ୍ଳୋକ ସମ୍ବଳିତ ଶ୍ରୀମଦ୍ଭାଗବତର ଦ୍ୱାଦଶ ସ୍କନ୍ଧ ଓ ତିନିଶହ ବତିଶ ଅଧ୍ୟାୟକୁ ଭାଦ୍ରବ ଶୁକ୍ଳନବମୀ ତିଥିରେ ଶୁଣାଇବା ଆରମ୍ଭ କରିଥିଲେ ଏବଂ ଭାଦ୍ର ପୂର୍ଣ୍ଣିମା ଅର୍ଥାତ୍ ଇନ୍ଦୁ ପୂର୍ଣ୍ଣିମା ଦିନ ଏହା ସମାପ୍ତ ହୋଇଥିଲା। ସେହିଦିନଠାରୁ ଏହା ସାର୍ବଜନୀନ ହୋଇଥିଲା। ସେଥିପାଇଁ ଇନ୍ଦୁପୂର୍ଣ୍ଣିମା ତିଥିକୁ "ଭାଗବତ ଜନ୍ମ" ରୂପରେ ପାଳନ କରାଯାଏ।

ଶ୍ରୀମଦ୍ଭାଗବତ ହେଉଛି ସ୍ୱୟଂ ଭଗବାନଙ୍କର ବାଙ୍ମୟ ସ୍ୱରୂପ। ଏହାର ଦ୍ୱାଦଶ ସ୍କନ୍ଧକୁ ଭଗବାନଙ୍କର ଦ୍ୱାଦଶ ଅଙ୍ଗ ଭାବରେ ବିବେଚନା କରାଯାଏ। ପ୍ରଥମ, ଦ୍ୱିତୀୟ ଖଣ୍ଡକୁ ପଦ ଯୁଗଳ/ ତୃତୀୟ, ଚତୁର୍ଥଖଣ୍ଡକୁ ଉରୁଯୁଗଳ/ ପଞ୍ଚମଖଣ୍ଡଟି ନାଭି/ ଷଷ୍ଠ ଖଣ୍ଡଟି ବକ୍ଷ/ ସପ୍ତମ, ଅଷ୍ଟମ ଖଣ୍ଡକୁ ବାହୁ ଯୁଗଳ/ ନବମ ଖଣ୍ଡଟି କଣ୍ଠ / ଦଶମ ଖଣ୍ଡଟି ମୁଖାରବିନ୍ଦ/ ଏକାଦଶ ଖଣ୍ଡଟି ଲଲାଟ ଏବଂ ଦ୍ୱାଦଶ ଖଣ୍ଡଟି ଶିର ପ୍ରଦେଶ ଭାବରେ ବିବେଚିତ ହୋଇଥାଆନ୍ତି। ସମସ୍ତ ଗ୍ରନ୍ଥମାନଙ୍କ ମଧ୍ୟରେ ଭାଗବତ ଶ୍ରେଷ୍ଠ ବୋଲି ବିଚାର କରାଯାଏ କାରଣ ଏହାର ଶ୍ରବଣ ମାତ୍ରକେ ପ୍ରାଣୀ ସକଳ ପାପରୁ ମୁକ୍ତିପାଇଥାଏ। ଦେବତାଟିଏ ମୂର୍ତ୍ତି ରୂପରେ ଗଢା ହେଲା ପରେ ତହିଁରେ ପ୍ରାଣ ପ୍ରତିଷ୍ଠାନ ହେଲେ ସେ ସାଧାରଣ ମୂର୍ତ୍ତିଟିଏ ହୋଇ ରହିଥାଏ କିନ୍ତୁ ଭାଗବତ ଏମିତି ଅମୂର୍ତ୍ତଦେବତା ଯେ ତହିଁରେ ପ୍ରାଣ ପ୍ରତିଷ୍ଠାର ଲୋଡା ପଡେ ନାହିଁ, କେବଳ ଫୁଲ ପାଣି ଟିକିଏ ଛିନ୍ନିଶୁଦ୍ଧ ଚିତ୍ତରେ ପାଠ କଲେ କିମ୍ବା ଶ୍ରଦ୍ଧାର ସହିତ ଶ୍ରବଣ କଲେ ଏହା ସକଳ ପାପର ବିନାଶ କରି ଅନ୍ତରାତ୍ମାକୁ ଶୁଦ୍ଧି କରିଥାଏ।

ବ୍ୟାସଦେବଙ୍କ ରଚିତ ଶ୍ରୀମଦ୍ଭାଗବତକୁ ସଂସ୍କୃତ ଭାଷାରେ ଅନୁବାଦ କରି ଲେଖିଲେ ଗୋବର୍ଦ୍ଧନ ପୀଠର ଆଦିଶଙ୍କର। ଜନ ମାନସରେ ସତ୍କର୍ମ, ସତ୍ ଚିନ୍ତା, ଭଗବତ୍ପ୍ରେମ ଜାଗ୍ରତ କରିବା ଲାଗି ଭାରତ ର ପ୍ରତ୍ୟେକ କୋଣ ଅନୁକୋଣରେ ଜନ ବସତି ମାନଙ୍କରେ ଗଢି ଉଠିଥିଲା ମନ୍ଦିର ମାନଙ୍କରେ ପୁରାଣ ପିଣ୍ଡି। ସେଇଠିବସି ପ୍ରତିଦିନ ସନ୍ଧ୍ୟାରେ ସେହି ସଂସ୍କୃତ ଭାଗବତ ପଠନ କରୁଥିଲେ ପଣ୍ଡିତମାନେ। ଶ୍ରୋତାମାନେ ନିବିଷ୍ଟ ଚିତ୍ତରେ ଶୁଣୁଥିଲେ ତାଙ୍କୁ। ବୋଧଗମ୍ୟ ହେଉ ବା ନହେଉ ଭାଗବତର ଶବ୍ଦବ୍ରହ୍ମକୁ କାନରେ ପକାଇ ଇହଜନ୍ମ ପରଜନ୍ମର ପାତକନାଶ ହେଉଥିଲା ବୋଲି ଧାରଣା ଥିଲା ସେମାନଙ୍କର। ପାଠ ଶେଷରେ ଯଥା ଶକ୍ତି ଦକ୍ଷିଣା ଦେଇ ପ୍ରଣାମ କରୁଥିଲେ ବ୍ରାହ୍ମଣ ଦେବତାଙ୍କୁ। କାଳ କ୍ରମେଏହା ସମସ୍ତଙ୍କର ଦିନ ଚର୍ଯ୍ୟାରେ ପରିଣତ ହୋଇଥିଲା।

କୁହାଯାଏ ଯେ ଓଡିଶାର ଶ୍ରୀଶ୍ରୀଧର ସ୍ୱାମୀ କାଳେ ଅତ୍ୟନ୍ତ ଘନିଷ୍ଠ ଥିଲେ ଆଦି ଶଙ୍କରାଚାର୍ଯ୍ୟଙ୍କର। ତାଙ୍କର ଲିଖିତ ସଂସ୍କୃତଶ୍ରୀମଦ୍ଭାଗବତର ବାଇଶିଟି ଟୀକା ଲେଖିଥିଲେ ଶ୍ରୀଶ୍ରୀଧର ସ୍ୱାମୀ। ଦିନାନ୍ତରେ ସେ ଆସି ପୁରୀର ଗୋବର୍ଦ୍ଧନ ମଠରେ ନିବାସ କରିଥିଲେ। ତାଙ୍କରି ଦ୍ୱାରା ଶ୍ରୀମଦ୍ଭାଗବତର ବହୁଳ ପ୍ରଚାର ପ୍ରସାର ହୋଇଥିଲା ଓଡିଶାର ପୁରପଲ୍ଲୀରେ। ପୁରୀ ଗୋବର୍ଦ୍ଧନ ମଠର ପଣ୍ଡିତମାନେ ପ୍ରତ୍ୟେକ ଗ୍ରାମ ଗ୍ରାମାଞ୍ଚଳରେ ବୁଲି ମନ୍ଦିର ମଠରେ ନିତ୍ୟ ଶ୍ରୀମଦ୍ଭାଗବତ ପାଠ କରୁଥିଲେ, ଶ୍ରୋତାମାନଙ୍କୁ ଧର୍ମାର୍ଥ ପ୍ରଦାନ କରୁଥିଲେ।

ଓଡିଶାରେ ଗଜପତି ମହାରାଜା ଶ୍ରୀଶ୍ରୀପ୍ରତାପ ରୁଦ୍ରଦେବଙ୍କ ରାଜତ୍ୱ କାଳର କଥା। ପିତା ଭଗବାନ ଦାଶଙ୍କ ଦେହାନ୍ତ ପରେ ଜଗନ୍ନାଥ ଦାସ ପୁରୀ ଶ୍ରୀମନ୍ଦିରରେ ନିଯୁକ୍ତ ହୋଇଥାଆନ୍ତି ପୁରାଣ ପଣ୍ଡା ଭାବରେ। ତାଙ୍କର ବିଧବା ମାଆ ପଦ୍ମାବତୀ ଦେବୀ ମଧ ଆସି ରହିଥାନ୍ତି ତାଙ୍କ ସହିତ ଶ୍ରୀକ୍ଷେତ୍ର ପୁରୀରେ। ଏମିତି ମଧ କୁହାଯାଏ ଯେ ଏକଦା ପୁରୀରେ ବିଧବା ବ୍ରାହ୍ମଣୀମାନଙ୍କ ପାଇଁ ବାଧ୍ୟତା ମୂଳକ ଦିନଚର୍ଯ୍ୟାଥିଲା ଦିନରେ ଏକ ଓଳି ହବିଷ୍ୟାନ୍ନ ଭୋଜନ ଏବଂ ସନ୍ଧ୍ୟାରେ ଶ୍ରୀମଦ୍ଭାଗବତ ଶ୍ରବଣ। ଜଗନ୍ନାଥଦାସଙ୍କ ମାଆ ପଦ୍ମାବତୀଦେବୀ ମଧ ପ୍ରଚଳିତ ପ୍ରଥା ଅନୁଯାୟୀ ପ୍ରତିଦିନ ଯାଆନ୍ତି ମଠକୁ ପଣ୍ଡିତଙ୍କର ମୁହଁରୁ ଶ୍ରୀମଦ୍ଭାଗବତ ଶୁଣିବା ପାଇଁ। ଜଗନ୍ନାଥଙ୍କର ମାତା ପଦ୍ମାବତୀ ଅଶିକ୍ଷିତା ଥିବାରୁ ମୋଟେ ବୁଝିପାରୁ ନଥିଲେ ସଂସ୍କୃତ ଭାଷାରେ ପଣ୍ଡିତେ ପଢୁଥିବା ସେହି ଭାଗବର ସବୁ ଶ୍ଳୋକର ଅର୍ଥ। କିନ୍ତୁ ତାଙ୍କର ଆଗ୍ରହ ଥିଲା ସବୁ ଜାଣିବା ପାଇଁ।ସେ ଅର୍ଥାଭାବରୁ ବିଶେଷ ଦକ୍ଷିଣା ମଧଦେଇ ପାରୁନଥିଲେ ପଣ୍ଡିତଙ୍କୁ। ସବୁବେଳେ ଅନୁରୋଧ କରୁଥିଲେ ପଣ୍ଡିତଙ୍କୁ ଟିକିଏ ଓଡିଆ ଭାଷାରେ ସରଳ କରି ବୁଝାଇ ଦେବାକୁ। ପଣ୍ଡିତ କେବେ କେବେ ଦୟାକରି ବୁଝାଇ ଦେଉଥିଲେ ତ ଆଉ କେତେବେଳେ ମନା କରି ଦେଉଥିଲେ ତାଙ୍କୁ।

ସେଦିନ କିନ୍ତୁ ପଣ୍ଡିତଙ୍କର କ'ଣ ହୋଇଥିଲା କେଜାଣି ଖୁବ୍ ରୁକ୍ଷ ସ୍ୱରରେ ସେ ଭର୍ତ୍ସନାକରି କହିଲେ ପଦ୍ମାବତୀଙ୍କୁ "କିଛି ତ ବୁଝି ପାରୁନ, କାହିଁକି ଆସୁଛି ଏଠିକି ? ମୁଁ ସଂସ୍କୃତ ପଣ୍ଡିତ, ଏତେ ଓଡିଆ ଭାଷାରେ ବୁଝେଇ ପାରିବିନି ତୁମକୁ, ମୁଖ ବିକୃତ କରି ଭର୍ତ୍ସନା କଲେ" ହୁଁ... ଆରେ କାଣି କଉଡ ଗୋଟିଏ ନାହିଁ, ଆସିଲା ଭାଗବତ ଶାସ୍ତ୍ର ଶୁଣିବାକୁ" !

ସର୍ବସମକ୍ଷରେ ଏ ଅପମାନ ଖୁବ୍ ବାଧିଲା ପଦ୍ମାବତୀଙ୍କୁ ...କାନ୍ଦିକାନ୍ଦି ଘରକୁ ଫେରିଆସିଲେ ସେ। ଘରେ ଶୋଇ ମୁହଁମାଡି ସେମିତି କାନ୍ଦୁଥାନ୍ତି। ରାତିରେ ଶ୍ରୀମନ୍ଦିରରୁ ପୁରାଣ ପଢାସାରି ଫେରିଲେ ଜଗନ୍ନାଥ ଦାସ। ମାଆଙ୍କୁ ଏମିତି ବିକଳ ହୋଇ କାନ୍ଦୁଥିଲା ଦେଖି ବ୍ୟସ୍ତହୋଇ ପଚାରିଲେ "କ'ଣ ହୋଇଛି" ବୋଲି। କାନ୍ଦିକାନ୍ଦି ପଦ୍ମାବତୀ ସକଳ ଘଟଣା ଶୁଣାଇ ଦେଲେ ପୁଅକୁ ଆଉ କହିଲେ "ବାପାରେ ! ତୁ'ତ ଆମର ଏତେ ପାଠ ପଢିଛୁ, ସେଇ ସଂସ୍କୃତ ଭାଷାରେ ଲେଖା ହୋଇଥିବା ଭାଗବତକୁ ତୁ' ଟିକିଏ ଆମ ଓଡିଆ ଭାଷାରେ ଲେଖି ଦିଅନ୍ତୁ ନାହିଁ ? ତାହା ହେଲେ ଖାଲି ମୁଁ କାହିଁକି ! ମୋ'ଭଳି ଆମର ଅନେକ ମଣିଷ ସହଜରେ ବୁଝିପାରନ୍ତେ ତା'କୁ। ଆଉ ଆମକୁ ସେ ପଣ୍ଡିତଙ୍କର ଗଞ୍ଜଣା ସହିବାକୁ ପଡନ୍ତା ନାହିଁ।" କଥାଟି ଖୁବ୍ ଆନ୍ଦୋଳିତ କଲା ଜଗନ୍ନାଥଦାସଙ୍କୁ। ମନେ ମନେ ସେ ସିଦ୍ଧାନ୍ତ କଲେ ବ୍ୟାସଦେବଙ୍କ ରଚିତ ସଂସ୍କୃତ ଭାଗବତର ଓଡିଆ ରୂପାନ୍ତରଣ କରିବା ପାଇଁ। ହେଲେ ଶ୍ରୀ ଜଗନ୍ନାଥଙ୍କ କୃପାରୁ ବିନା ତାହା କ'ଣ ସମ୍ଭବ ? ପରଦିନ ବଡଦେଉଳରେ ଯାଇଁ ସେ ବସିଲେ ବଟ ଗଣେଶଙ୍କ ସମ୍ମୁଖରେ। ନୀଳଚକ୍ରକୁ ଚାହିଁ ପ୍ରାର୍ଥନା କଲେ ନିଳାଦ୍ରୀ ବିହାରୀଙ୍କୁ "ପ୍ରଭୁ ! ମୁଁତ' ମୂଢ ଅଜ୍ଞାନଟିଏ, ମାଆର ଆଦେଶ ମିଳିଛି ସଂସ୍କୃତ ଭାଗବତକୁ ଓଡିଆରେ ଲେଖିବା ପାଇଁ, ହେଲେ ତୁମ ଆଜ୍ଞା ବିନା କେମିତି ଲେଖିବି ? କ'ଣ କରିବି ? ତୁମେ ସହାୟ ହୁଅ ପ୍ରଭୁ ! ପଥ ଦେଖାଅ !"। ତା'ପରେ ଯାହା ଘଟିଲା ତାହା ଇତିହାସ ହୋଇ ରହିଗଲା କାଳକାଳକୁ। ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାରେ ଅବିରାମ ଗତିରେ ଚାଲିଥିଲା ତାଙ୍କର ଲେଖନୀ, ସୃଷ୍ଟି କରିଥିଲା ନବାକ୍ଷରୀ ଛନ୍ଦରେ ଦ୍ୱାଦଶ ସ୍କନ୍ଧ ସମ୍ବଳିତ ଓଡିଆ ଭାଗବତ, ଯାହା ତାଙ୍କର ଜୀବନର ସର୍ବଶ୍ରେଷ୍ଠ ଗ୍ରନ୍ଥ।

ଅତି ବଡିଜଗନ୍ନାଥ ଦାସଙ୍କ ରଚିତ ଭାଗବତ ମୂଳ ସଂସ୍କୃତ ଭାଗବତର ଅନୁବାଦ ସାରା ଭାରତରେ ପ୍ରଥମ ପ୍ରାଦେଶିକ ଭାଷାରେ ଲିଖିତ ଭାଗବତ ବୋଲି ବିଚାର କରାଯାଏ। ଅତିବଡି ଶ୍ରୀଜଗନ୍ନାଥଦାସଙ୍କ ରଚିତ ଭାଗବତ କେବଳ ବ୍ୟାସଦେବଙ୍କର ମୂଳ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ ବରଂ ଏହା ତାହାର ଏକ ଅନୁଶୀଳନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ବିଭିନ୍ନ ଆଖ୍ୟାୟିକା ଆକାରରେ ଓଡିଶାର ଜାତୀୟ ଜୀବନ, ଇତିହାସ, ଭୂଗୋଳକୁ ମଧ ପ୍ରଦର୍ଶନ କରାଇଛନ୍ତି। ଅଜ୍ଞାନ ଅନ୍ଧକାର ଦୂରେଇବା ସହ ସମାଜ ସଂସ୍କାରର ବାର୍ତ୍ତା ମଧ ଦେଇଛନ୍ତି। ତତ୍କାଳୀନ ସମାଜର ମଙ୍ଗଳ ସାଧନରେ ତାଙ୍କର ତିତଶ୍ରୀମଦ୍ ଭାଗବତର ମୁଖ୍ୟ ଭୂମିକା ରହିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

ଭାଗବତର ପ୍ରତ୍ୟେକଟି ଅକ୍ଷରର ବିଶେଷତ୍ୱ ରହିଛି। ଯଥା ଭ-ରେ ଭାବ, ଗରେ ଜ୍ଞାନ, ବ-ବୈରାଗ୍ୟ, ତ-ରେ ତତ୍ତ୍ୱ। ତତ୍କାଳୀନ ସଂସାରି ମଣିଷକୁ ଭଗବତ ପ୍ରେମରେ ଅନୁପ୍ରାଣିତ କରିବା ସହିତ ସମାଜରେ ଶିକ୍ଷା ଓ ସଂସ୍କୃତିର ମଧପ୍ରଚାର ପ୍ରସାର କରିଥିଲା ଭାଗବତ ପାଠ। ସାଧାରଣ ମଣିଷଟିଏ ସାକ୍ଷର ହେଉ ଥିଲା କେବଳ ଘରେ ଅଧ୍ୟାୟଟିଏ ଭାଗବତ ପଢିବା ପାଇଁ। ଜଗନ୍ନାଥଦାସଙ୍କର ତିତ ଶ୍ରୀମଦ୍ଭାଗବତ ପ୍ରତ୍ୟେକ ଓଡିଆର ଜୀବନରେ ସୁଖଦୁଃଖର ସାଥୀ ଏବଂ ମୃତ୍ୟୁ କାଳରେ ସେ ମୋକ୍ଷର ସାଥୀ। ଓଡିଶାରେ ଏମିତି କୌଣସି ଗାଆଁ ନଥିବ ଯେଉଁ ଗାଆଁରେ ଭାଗବତ ଗାଦିଟିଏ ନଥିବ, ଏମିତି କୌଣସି ଘରଟିଏ ନଥିବ ଯେଉଁଠି ମରଣାପନ୍ନ ମଣିଷଟିଏ ପାଖରେ ତା'ର ଶେଷ ସମୟରେ ଭାଗବତର ଅଧ୍ୟାୟଟିଏ ବୋଲା ହେଉ ନଥିବ। ପ୍ରତିଟି ଓଡିଆର ଅସ୍ଥିମଜ୍ଜାରେ ମିଶି ରହିଛି ଭାଗବତର ସାରାଂଶ। ପ୍ରତ୍ୟେକ ଓଡିଆର ପ୍ରାଣଓ ପ୍ରଣମ୍ୟ ଆମ ଓଡିଆ ଭାଗବତ।

ଆଜିଆଧୁନିକତା ନାଆଁରେ ଆମ ଉତ୍ତର ପିଢି ପାଶୋରି ଯାଉଛନ୍ତି ଆମ ସଂସ୍କୃତି ଆମର କୁଳ ଦେବତା ଶ୍ରୀଜଗନ୍ନାଥ ଏବଂ ଆମ ସନାତନଧର୍ମର ମୌଳିକତତ୍ତ୍ୱନିହିତ ଥିବା ଭାଗବତ କୁ। ଆସନ୍ତୁ ଆମେ ସମସ୍ତେ ପ୍ରତିଦିନ ଅନ୍ତତଃ ଅଧ୍ୟାୟଟିଏ ଭାଗବତ ପାଠ କରିବା ଏବଂ ଆମ ଉତ୍ତର ପିଢିକୁ ଭାଗବତ ର ମହାତ୍ମ୍ୟ ବୁଝାଇବା। ଜୟ ଶ୍ରୀକୃଷ୍ଣ, ଜୟ ଜଗନ୍ନାଥ।

(ସମାପ୍ତ)

+ଶାରଳା ଭବନ ପୋତାପୋଖରୀ
କଟକ
(ମୋ) ୯୩୩୭୨୭୨୬୪୭





## ଆସ ହେ କୃଷ୍ଣ

**ନିରଞ୍ଜନ ସାହୁ**

ଆସ ଆସ କୃଷ୍ଣ ଖେଳିବା ଦୋଳି
ଗୋପଦାଣ୍ଡେ ଆମେ
ହୋଇବା ମେଳି ।

ସୁଦାମା, ସୁବଳ, ମଧୁମଙ୍ଗଳ
ସଖାମାନେ ଆସି କଲେଣି ଗୋଳ।
ହାତରେ ଆଣିଥା' ତୁମେ ଲଉଡି
ସାଥି ହୋଇ ଆମେ ଖେଳିବା ବାଡ଼ି ।

ଗୋପାଳ ଓଗାଳ ଗାଇ ଖେଳିବା
ଯମୁନା ତଟରେ ଯାଇ ମିଳିବା ।
ନ୍ୱ କେଳି ଆମେ କରିବା ତହିଁ
ଗୋପ ନାରୀ ସର୍ବେ ରହିବେ ଚାହିଁ ।

ସଢେଇରେ ଭାତ, ଡାଲି ରାନ୍ଧିବା
ବାଲୁଙ୍ଗା ବାଛୁରୀ ଆମେ ବାନ୍ଧିବା ।
ସାରୁ ପତ୍ରେ ପ୍ରଜାପତି ଧରିବା
ବୃନ୍ଦାବନେ ବୁଲି ମଜା କରିବା ।

ଗୋବର୍ଦ୍ଧନେ ବୁଲି ତୋଳିବା କୋଳି
ନାଚଗୀତ କରି ମାରିବା ତାଳି ।
ଲୁଚିକରି କାହା ଘରେ ପଶିବା
ଲବଣି ଆଟିକା ଘେନି ଆସିବା ।

ଫୁଲ ତୋଳି ଆମେ କରିବା ହାର
ଭାଙ୍ଗିବା କଳସୀ ରାଧା ମାଇଁର ।
କାହିଁକି ଉଛୁର କର ମୋହନ
ଆସ ଆସ ଯିବା ଆମେ ବହନ ।

ସଖାମାନେ ତେଣେ ଅପେକ୍ଷା କରି
ତୁମ ନାମ ଧରି ଛାଡ଼ନ୍ତି ହୁରି ।
ସେ ବାଳ ଗୋପାଳ ପୟରେ ମନ
ରଖିଛି ରଖିବ ଏ ନିରଞ୍ଜନ ।

+ନିହଲପ୍ରସାଦ, ଗଁଦିଆପାଟଣା
ଢ଼େଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

## ମୁଁ ତୁମର

**ଡଃ ମାଙ୍ଗଳିକା ମହାପାତ୍ର**

ମୁଁ ତୁମକୁ ମୋ ନିଜର
ଭାବି ଭଲ ପାଇଥିଲି
ତୁମର ରାଗ ତୁମର
ରୋଷ ଯେତେ ଗଲି ଭୁଲି
ତୁମକୁ ତୁମ ପ୍ରେମ ପାଇଁ
ସମ୍ମାନ ଦେଇଥିଲି
ତୁମର ଅଜଣା ଅବିଗୁଣ
ସବୁ ପାଶୋରିଲି ।

ତୁମକୁ ଭଲ ପାଇବା ପାଇଁ
ଆପଣେଇ ଥିଲି
ସେଲାଗି ନିଜଠୁ ଦୂରେଇ
ଦେବାକୁ ମନା କଲି
ତୁମକୁ ମୋ ମନରେ,
ହୃଦୟରେ ରଖିଛି ବୋଲି
ତୁମକୁ, ତୁମ ଘରକୁ ଛାଡ଼ିବା
ଯାଇଛି ଭୁଲି ।

ମୁଁ ତୁମ ବିନା, ବିରହରେ
ରହିପାରେନି ବୋଲି
ତୁମକୁ ନ ପଚାରି, ପଛ କରି
ଯାଏନା ଚାଲି
ମୁଁ ତୁମ ନାଁର ସିନ୍ଦୂର
ମଥାରେ ନାଇଛି ବୋଲି
ନିଜକୁ ସୁନ୍ଦରୀ କରି
ସଂସାରରେ ସଜାଇଲି ।

ମୁଁ ତୁମକୁ ସାତଜନ୍ମର
ସାଥି ଭାବିଛି ବୋଲି
ଜନ୍ମ ଜନ୍ମ ଲାଗି ଜୀବନେ
ସାମିଲ୍ କରି ନେଲି ।

+ ରେଭେନସା ବିଶ୍ୱବିଦ୍ୟାଳୟ

## ଅମଳିନ ତାରା

**କବିତା ଦାଶ**

ସମାଜ ସେବାକୁ କରି
ଜୀବନର ବ୍ରତ
ଜଗନ୍ନାଥ ସଂସ୍କୃତିର
ପୁଣି ପ୍ରବଚକ ।

ଅନନ୍ୟ ସେ ଅନୁପମା
ଦେବୀ ମନୋରମା
ହସ ହସ ମୁହଁ ତାଙ୍କ
ଭୁଲି ତ ହୁଏନା ।

କେବେ ଅଧ୍ୟାପନା ପୁଣି
କେବେ ସମ୍ପାଦିକା
ସବୁଠି ରହିଛି ତାଙ୍କ
ଯାଦୁକରୀ ଛିଟା ।


ଯୋଗ୍ୟ ପିତାଙ୍କର ସିଏ
ଯୋଗ୍ୟା କନ୍ୟା ରତ୍ନ
ସାରା ଓଡ଼ିଶାରେ ନାହିଁ
ନାରୀ ତ ଏମନ୍ତ ।

ପ୍ରତିଟି ବିଭାଗେ ତାଙ୍କ
ପରଶ ନିଆରା
ସାହିତ୍ୟ ଆକାଶେ ସେ ତ
ଅମଳିନ ତାରା ।

+ ନିରାକାର ପୁର
ଖୋର୍ଦ୍ଧା

## ନୀରବର ଝଡ

**ଈଶ୍ୱର ଚନ୍ଦ୍ର ମଙ୍ଗରାଜ**




ନୀରବର ଦିନେ ହେବ ଘୂର୍ଣ୍ଣ ଝଡ଼
ପୁରୁଷ ରାକ୍ଷସ ବୃତ୍ତି,
କ ଅଁଳ ଗରିବ ଇଯତ ଲୁଣ୍ଠିତ
କନ୍ୟାଟି ତା ମାତୃ ଜାତି ।

ବୟେସ୍କ ପୁରୁଷ ଥାଇ ପିଲା ତାର
ପ୍ରକୃତି ବର୍ବର କ୍ରୁର,
ଝିଅ ଭଉଣୀ ନାତୁଣୀ ଛୋଟତାର
ନର ଚରିତ୍ର କାଙ୍ଗାଳ।

ମାର୍ତ୍ତୃଜାତି ବର୍ଣ୍ଣ ନୀଳ
ରାଧା କୃଷ୍ଣ ରାସ ଖେଳ ।
ଅନ୍ୟ ନାରି ଦୁର୍ଗା ମାତ
ତାରେ କରେ ଭସ୍ମୀଭୂତ ।
ଯିଏ କରେଟି ଦୁଷ୍କର୍ମ,
ଆଣେଘୂର୍ଣ୍ଣୀ ଝଡ଼ କର୍ମ।
ନୀରବ ର ଝଡ ଫଳ
ଜୀବନ ହୁଏ ନିଷ୍ଫଳ ।

+ ଖୋର୍ଦ୍ଧା
(ମୋ)୯୪୩୭୦୬୩୧୨୬





## ନବ ପ୍ରଭାତ

**ଧ୍ରୁବ ଚରଣ ବେହେରା**

ନବ ପ୍ରଭାତର ନୂଆ ଆଭା ଜିଣି
ହସିଲେଣି ଦିନମଣି
ବିହଙ୍ଗ କାକଳୀ ମଧୁରାଗ ଭରି
ମନ ନେଉଅଛି କିଣି ।

ଢଳ ଢଳ ଆଖି କାକର ବିନ୍ଦୁ ଯେ
ମୋତିପରି ଝଟକଇ
ସବୁଜ ସୁନ୍ଦର ତରୁ ଲତା ଓଠେ
ପ୍ରୀତି ଭରା ଛୁଆଁ ଦେଇ ।

ସ୍ୱର୍ଣ୍ଣିମ ରଶ୍ମିର ଉଷ୍ଣତା ପରଶେ
ଶିଶିର ପଡଇ ଝରି
ତମସା ବେଳର ଶୀତଳତା ତନୁ
ମନୁ ହୁଏନା ପାସୋରି ।

ସରସୀର ଜଳେ କମଳିନୀ ପ୍ରିୟା
ଛନ ଛନ ହସେ ଚେଇଁ
ପ୍ରାଚୀ ବଳୟରେ ଦେଖିଇ ପ୍ରେମିକା
ପ୍ରେମେ ଆସୁଛନ୍ତି ଉଇଁ ।

ଅବନୀ କୋଳରେ ହସ ଖୁସି ଭରି
ଆସଇ ସକାଳ ରାଣୀ
ମନ୍ଦିର ବେଢାର ପୂଜା ନୈଇବେଦ୍ୟେ
ଶୁଭେ ମୁକ୍ତି ଶଙ୍ଖ ଧ୍ୱନି ।

ମାଟି ଗାଉଥାଏ ଶୋଭାର କବିତା
ନୀଳ ଆକାଶକୁ ଚାହିଁ
ଦୂର ତାଳବଣ ରମ୍ୟ ଉପବନ
ଲାଗେ ସତେ ସ୍ୱର୍ଗ ଭୂଇଁ ।

ମନ୍ଦ ମନ୍ଦ ହୋଇ ବହଇ ସମୀର
କୁସୁମ ମହକ ଭରି
ପ୍ରୀତିର ସକାଳ କହୁଥାଏ କଥା
ସତେ କି ଚିତ୍ରିତ ତରୀ ।

+ଭାରତୀୟ ସାମରିକ ସେବା
ଝାଡଖଣ୍ଡ ।
ମୋ-୮୩୨୮୯୩୦୫୫୪

# କବିତାମାଳା

## ଆସିଛି ଭୋଦୁଅ

### ଶରତ କୁମାର ଦାସ



ଶିରାବଣ ପରେ ଆସିଛି ଭୋଦୁଅ
ଖିଲି ଖିଲି ହସେ ମରତ,
ଟିକେ ଛାଇ ପୁଣି ଟିକେ ଖରା ତାଳେ
ଛୁଇଁଲାଣି ଦେଖ ଶରତ ।

ନାହିଁ ଝଡ ପୁଣି ନାହିଁ ତ ବତାସ
ବରଷା ଝପର ଝପର,
ଶୁଭୁନାହିଁ ଆଉ ମେଘ ଘଡଘଡି
ବେଙ୍ଗୁଲୀ ଖପର ଖପର ।

ଆକାଶ ରାଇଜେ ଧୋବଲା ବାଦଲ
କେବେ କେବେ ଭାସି ଯାଉଛି,
ଶାଗୁଆ କ୍ଷେତରେ ସୁନାର ଫସଲ
ସତେ କି ତ ଗୀତ ଗାଉଛି ।

ନାଉ କଖାରୁର ସରୁସରୁ ଡଙ୍କ
ମଥାନ ଉପରେ ମାଡୁଛି,
ଜହ୍ନିଫୁଲ ଜାଳି ଖୁସିର ଦୀପାଳି
ସରାଗେ ଆଳତି ବାଢୁଛି ।

ବାଡିରେ ଫୁଟିଛି ନାନାଜାତି ଫୁଲ
ବାସନାର ସୁଅ ଛୁଟୁଛି,
ପରଜାପତିଟି ଉଡୁଛି ହରଷେ
ପରାଣକୁ ଆମ ଲୁଟୁଛି ।

ନଈଧାର ଏବେ ଦିଶିଲାଣି ସଫା
ଗୋଳିପାଣି ଆଉ ନାହିଁଟି,
ପଠାରେ ହସୁଛି କାଶତଣ୍ଡୀ ଧୀରେ
ନାଚି ନାଚି ଗୀତ ଗାଇଟି ।

ଭୋଦୁଅର ଶେଷେ ଆସିବ ଅଶିଣ
ପୂଜା ପରବରେ ଭରିକି,
ଘଣ୍ଟ ଘଣ୍ଟା ଝାଂଜ କାହାଳୀ ଶବଦେ
ଦୁଃଖ ତାପ ଯିବ ସରିକି ।

+ ଅଧ୍ୟାପକ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ) ୮୨୪୯୧୩୭୦୯୧

## ବର୍ଷା ହେଲେ ମନେ ପଡ଼େ ମିଷ୍ଟି ମିଶ୍ର

### କବି ବିପ୍ଳବ



ବାଦଲ ଫଟେଇ ବୋହି ପଡୁଥିବା
ଅସରାଏ ବର୍ଷା
ଆକାଶକୁ ଫେରି ପାରେନି
ଡୋଳା ଚିରି ଖସି ପଡୁଥିବା
ଧାରେ ଅଶ୍ରୁ ବି
ଫେରି ପାରେନି ଆଖିକୁ ।

ତମେ ସେଇ ଅସରାଏ ବର୍ଷା
ଆଉ ଧାରେ ଅଶ୍ରୁ
ତିନ୍ତେଇ ଦେଇ ଯାଇଛ
ଆଉ ନ ଫେରିବାର ପ୍ରତିଶ୍ରୁତିରେ ।

ବର୍ଷାରେ ତିନ୍ତି
ଜାମୁକୋଳି ଗୋଟେଇବା ପରି
ମୁଁ ସ୍ମୃତି ସବୁ ଏକାଠି କରୁଛି
ଟିକେ ଜଳିବା ଲୋଭରେ !

ଜଳିବାର ସ୍ୱାଦ ଟିକେ ଅଲଗା ନା ?
ଏଇ ବର୍ଷା ତ ଉଖାରୁଛି ପୁରୁଣା ଘା
ବୁହାଉଛି ପୁଜ
କ୍ଷତାକ୍ତ କରୁଛି ମୋତେ,
ବର୍ଷା ହେଲେ କାହିଁ
ମିଷ୍ଟି ମିଶ୍ର ମନେ ପଡ଼େ ଏତେ !

ମୁଁ ନିଜକୁ ବୁଝାଏ ଆଉ ବୁଝାଏ
ସକାଳୁ ନାନାବାୟା ଗୀତ ଗାଇ
ଦିନବେଳା ରଫି ଗୀତ ଶୁଣି
ଆଉ ରାତିରେ ତମ ମିଛ ପ୍ରେମର
ୟୁଟ୍ୟୁବ ଖୋଲି
ନିଜକୁ ହଜାଏ ଆଉ ହଜାଏ ।

କେଜାଣି ମିଷ୍ଟି ମିଶ୍ର କଣ ଥିଲା
ଝିଅ ନା ଅସରାଏ ବର୍ଷା
ସେ ଭିଜଉଥିବା ମୋ ହୃଦ
ଚେରାପୁଞ୍ଜି ମାଟି ପରି
ସଦାବେଳେ ଓଦା ଓଦା,
ସେଠି କେବେ ଖରାର ଧାସ ପଡ଼େନି
ଖାଲି ଲୁହ ବୁନ୍ଦା ବୁନ୍ଦା ।

+ ବାଙ୍କୀ, କଟକ

## କାଳାନ୍ତର

### ଡ. କିଶୋର ମହାନ୍ତି



ବିବର୍ତ୍ତିତ ସମୟ ସାଥିରେ
ଆବିଷ୍କୃତ ଆଦି ପୁରୁଷ
ଏକ ଆଧିଭୌତିକ ସତ୍ତା
କେଉଁଠୁ ଭାସି ଆସୁଥିଲା
ଓଁ କାରର ପ୍ରଲମ୍ବିତ ଧ୍ୱନି..
କେଉଁଠି ନିନାଦିତ ହେଉଥିଲା
ପ୍ରଥମ ପ୍ରଣବର ଅନାହତ ନାଦ
ଶବ୍ଦରୁ ଶବ୍ଦକୁ ଜଳସ୍ଥଳ ବନ ଗିରି
ଆକାଶ ଭେଦି ଯାଉଥିଲା ଯେମିତି
ଅସ୍ଥିର, ଅବିଚଳିତ
ଆଦିତି ଆହୂତ ନବ ପୁରୁଷର
ଯୁଗ ଯୁଗଧରି ଲେଖା ହୋଇଥିବା
ଇତିହାସ ଖୋଜା ଚାଲିଥିଲା...
ଆସ୍ତିର୍ଣ୍ଣ ଶ୍ୟାମାୟିତ ଉପବନେ
ଆହ୍ଲାଦିତ ରାତିର ଦେହରେ
ଲେଖି ଯାଇ ଛାଡ଼ି ଯାଇଥିଲା କିଏ
ପାଷାଣର କାବ୍ୟ
ଭୂମିରୁ ଆକାଶ ସବୁଠି ଅଭିଯାନର ପର୍ବ
ଅଭିଯାତ୍ରୀଙ୍କର ଅଂଗୀକାର ପତ୍ର
ସବୁ ଧାରାତ୍ରିକ, ନିଗମ, ଜାଗ, ତମ
ସମାଧି ପରେ ବି
ପିଣ୍ଡ ଓ ଚୈତନ୍ୟରେ ଆଉ ଏକ
ଚୈତି ସତ୍ତା... ବିହ୍ୱଳିତ କରୁଥିଲା ଅହରହ
ସୃଷ୍ଟି, ସ୍ଥିତି, ବିଲୟ ଭିତରେ
ବୃତ୍ତଚକ୍ର...
କେନ୍ଦ୍ର ବିନ୍ଦୁରେ ସେହି ଅନନ୍ତ ସତ୍ତା
ଯିଏ ଅଦୃଶ୍ୟ ଅଣାକାର, ଆଦି ଅନାଦି
ପରମାତ୍ମା...

+ (ମୋ) ୯୪୩୭୭୨୮୪୭୫

## ଗୋଟେ ବେନାମୀ ସନ୍ଧ୍ୟାର ସ୍କେଚ

### ସୁବ୍ରତ କୁମାର ଜେନା



ତାରାମାନେ କେବେଠୁ ଆସିଲେଣି,
ଝିକମିକ ଆଲୁଅରେ ଭରିଲାଣି
ଏ ସାରା ଆକାଶ,
ହେଲେ ସେ ଜହ୍ନଟାର ଦେଖାନାହିଁ,
ବୋଧେ ହୁଏ ହଜିଯାଇଛି ,
ଦୂର କେଉଁ ଏକ ମେଘର ଖଣ୍ଡରେ ।

ଏ ପାଖେ ନୂଆ ବୋହୁ ଅପେକ୍ଷାରେ,
କେତେବେଳେ ଆସିବଯେ ସେ,
ପ୍ରିୟତମ ନାହାନ୍ତି ପାଖରେ,
କାହିଁ ଆକାଶରୁ ଝରୁନିତ ମେଘର ଧାରା,
ଏମିତି କେମିତି ଭୁଲିଲା ସେ ବାଟ,
ସମୟ ଯେ ଗଡ଼ିବା ଗଡ଼ିବା ଉପରେ,
ତାହେଲେ ଚାନ୍ଦ ପୂଜା !

ଘରର ମୁଖ୍ୟ କବାଟରେ ଆଘାତ,
ଧଡ଼ ଧଡ଼ ଧଡ଼ ....
ଓଃ ହୋ ଟିକିଏ ରଖାଇ ଦେବେନି,
ଆସୁଛି ଆସୁଛି ବୋଲି,
ନୂଆ ବୋହୂର ଛାତ ଉପରୁ ଉଚ୍ଚ ସ୍ୱରରେ ବାର୍ତ୍ତା ।

ବଦଳି ଯାଇଛି ଘରର ସମଗ୍ର ଚିତ୍ର,
ଖୁସିବାସୀର ଅବସରରେ ଧସାଇ ପସିଆସିଛି
ଅଦିନିଆ ଝଡ଼,
ଆଶା ସବୁ ଶବ ପାଲଟିଛି ଜୀବନ ରାସ୍ତାର
ସଂଜରେ,
ବାପା-ବୋଉ,ଦିଅର-ନଣନ୍ଦ ସମସ୍ତେ ନିର୍ବାକ,
ବାରମ୍ବାର ଚେତା ହରାଉଛି ନୂଆ ବୋହୁ,
ଏମିତି କଣ ହେବାରେ ଥିଲା !
ଖବର ଆସିଛି ସୀମାନ୍ତରୁ,
ସୀମାନ୍ତିନିର ସୀମାନ୍ତରୁ ସିନ୍ଦୁର ପୋଛିଦେବାକୁ,
ସୀମାରେ ସହିଦ ନୂଆ ବୋହୂର ସିନ୍ଦୁର ।

ଅଚାନକ ତାରା ମାନେ ଲୁଚିଗଲେ,
ଚାହୁଁ ଚାହୁଁ ମାଡ଼ିଆସିଲା ତମଶା ରଜନୀ,
ଚାରିଆଡେ ଭରିଛି ଶୂନ୍ୟତା,
ବୋଧେ ଏଥିଲାଗି ଚାନ୍ଦ ବି ଲୁଚିଥିଲା,
କେମିତିରେ ସେ ଦେଇଥାନ୍ତା
ମିଛ ଅଭୟ ବାଣୀ,
ଯିଏ ଯେମିତି ଗାଁ, ସହର,
ରାଜ୍ୟ, ଦେଶରେ ଶୋଇଲେଣି,
କିନ୍ତୁ ନୂଆ ବୋହୁ ସେମିତି ଗୁମୁରି କାନ୍ଦି ଚାଲିଛି,
ଭାଇର ଅଫେରା ପଥକୁ ବାହୁନି ବାହୁନି....

+ ଶୂରଡିହ,ନନ୍ଦିପୁର,ଯାଜପୁର
(ମୋ)୮୨୪୯୨୨୦୮୩୦ ..

## ଭାଦ୍ରବ

### ପବିତ୍ର ମୋହନ ବାରିକ



ଭାଦ୍ରବ ଆକାଶ ଦିଶେ ସୁନିର୍ମଳ
ହସୁ ଅଛି କାଶତଣ୍ଡି
ପାର୍ବଣର ଋତୁ ଆରମ୍ଭ ହୋଇଛି
ଆକାଶକୁ ଥାଏ ଉଣ୍ଡି ।

କୃଷ୍ଣଜନ୍ମାଷ୍ଟମୀ ଯେ ଖୁଦୁରୁକୁଣୀ
ପଡ଼େଇ ବୁଧେଇ ଓଷା
ଭାଦ୍ରବ ମାସର ଓଷା, ବ୍ରତ ଆମ
ସଂସ୍କୃତିର ପରିଭାଷା ।

ଗଣେ ଚତୁର୍ଥୀ ଭାଗବତ ଜନ୍ମ
ଗଣପର୍ବ ନୂଆଁ ଖାଇ
ଷଷ୍ଠୀ ଦେବୀଙ୍କର ପୂଜାର୍ଚ୍ଚନା ହୁଏ
ଆୟୁଷ ବଢ଼ିବା ପାଇଁ ।

କାଳୀୟ ଦଳନ ଯେ ବାଲି ତୃତୀୟା
ପଡ଼େ ବିଶ୍ୱକର୍ମା ପୂଜା
ଭାଦ୍ରବ ମାସର ମାହାତ୍ମ୍ୟ ଉଡ଼ାଏ
ଆମ ସଂସ୍କୃତିର ଧ୍ୱଜା ।

+ ପାଇକରାପୁର, ଭୁବନେଶ୍ୱର
(ମୋ) ୮୮୯୫୧୯୦୪୭୫

## ହୃଦୟର ଆଢୁଆଳେ ...

### ରାହାସ କୁମାର ବେହେରା



ହୃଦୟର ଆଢୁଆଳେ ସପନର ଛାତିତଳେ
ପିଆସୀ ମୋ ପ୍ରଜାପତି ଝାଡିଦେଇ ଡେଣା ,
ଉଡ଼ିବୁଲେ ଏଣେତେଣେ ଭାବନାର କୁଞ୍ଜ ବନେ
ପାଇବାକୁ ମିଠା ଛୁଆଁ ହୋଇ ବାଟ ବଣା ।

ନିଦକରେ ଚୁନା ଚୁନା ମନ ହୁଏ ଆନମନା
କଳ୍ପନାର ଇନ୍ଦ୍ରଧନୁ ତା ପଡେ ବିଛେଇ
ମିଳନ ଝରକା ଫାଂକେ ପ୍ରତିଛବି ଯେବେ ଆଂକେ
ପାଖେ ବସି ଚାହିଁଦେଇ ଯାଏ ଲାଜେଇ ।

ରୂପ ସ୍ୱଚ୍ଛ ଦରପଣ ଦେଖି ସେ ଅଝଟ ପଣ
ପାଗଳ ଭାବନା ମୋ ଗାଏ ମଧୁର ଗୀତି
ମୃଦୁ ମୃଦୁ କଥା ଶୁଣି ଅନ୍ତରେ ଭରେ ରୋଷଣୀ
ମାଗିବସେ ଜିଦିରେ ଯେବେ ଟିକେ ପୀରତି ।

ସେ ନିରୋଳା ଭାବାବେଗ ହୃଦୟରେ
ଟାଣେ ଦାଗ
ସାଇତି ରଖିଛି କଥା ଯେ ମିଠା ହସରେ
ପାଇଯାଏ ଯେବେ ରାତି ଖୋଜେ
ଟିକେ ସେଇ ସ୍ମୃତି
ଝୁଣ୍ଟିପଡ଼େ ଚାଲୁ ଚାଲୁ ମୋ ଚଲା ରାସ୍ତାରେ ।

+ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ : ୭୫୯୦୧୫
(ମୋ) ୯୪୩୮୧୧୪୩୬୮

## ପ୍ରେମ

### ବୃନ୍ଦାବନ ଦାସ



ନିର୍ଭେଜାଲ ପ୍ରେମ
ସତରେ କାହିଁ ଯେ !

ଦିନେ ପ୍ରେମିକାର ଦିହପାଇଁ
ଦିନଦିନର ଅପେକ୍ଷା ...
ପରେ
ବୁଝିଲି ତା' ପ୍ରେମନୁହେଁ
ମନ ପୂରୁନଥିବା
ଦେହଭୋକ ।

ପ୍ରବାସ ଫେରନ୍ତା
ବିଚରା ସ୍ୱାମୀ ତା' ସ୍ତ୍ରୀ ମୁହଁରୁ
ଖୋଜୁଥିବା ହସ...
ବୁଝିଲା ବେଳକୁ ତା' ବି
ପ୍ରେମ ନୁହେଁ
କିଛି ଗୋଟେ ଖୋଜାଲୋଡା
ଜଗାରଖା
ସର୍ତ୍ତଭର୍ତ୍ତି ମୋହ ।

ଖୋଜାପଡିଲା ଦୁନିଆ ସାରା
ମିଳିଲାନି ...
ପବନରେ ଦୋହଲି ଦୋହଲି
ନୁଆଁଣିଆ ଡାଳ ତା'
ଗୋଛାଏ ପତ୍ରରେ
ଫୋଡିଦେଲା କାନରେ ଅସଲ କଥା ।

ଯା', ଦେଖି ଯାଆ
ଗମ୍ଭିରା ଘରେ
ହେଁସ କତରାରେ
ଘାଣ୍ଟି ହେଉଥିବା ବୋଉର ଥରଥର ହାତ ...
ମମତାରେ ଜରଜର
ହଁ, ପ୍ରେମଭଳି ବହୁକିଛି ।

ଆଉସବୁ ଭେଜାଲ ।

+ ଅଧ୍ୟାପକ , ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
(ମୋ) ୯୭୭୭୮୪୩୦୩୧

## ମୁଠାଏ ଶୂନ୍ୟତା

### ରତ୍ନକାନ୍ତି ମିଶ୍ର



ଆବୁଡା ଖାବୁଡା ମାଟିରାସ୍ତା
କଣ୍ଟେଇ କୋଳିର ବୁଦା
ଗୋବରରେ ଲିପା,ପିଣ୍ଡା ଅଗଣାରେ
ପିଠଉ ପାଣିରେ ଅଙ୍କା ଝୋଟି ଚିତା
ଭାଗବତ ଟୁଙ୍ଗୀ ମନବୋଧ ଚଉତିଶା
ସବୁ ମୁଁ ହଜେଇ ଦେଇଛି
ବୟସ ସାଥୀରେ...!!

ମୁଁ ଅଣଦେଖା କରିଛି
ଆଲୋକର ଉତ୍ସ
ଲଣ୍ଠନର ନିରୁତାପଣକୁ
ସ୍ତିମିତ ସେ ଏବେ ସମୟର ବିବର୍ତ୍ତନରେ
ଦୁର୍ଭାଗ୍ୟର ଫଟାକାଚ ପରି
ମୁଁ ବି ଯେମିତି ଆଦରି ନେଇଛି
ନିଜସ୍ୱ ସତ୍ତାର ଜୀର୍ଣ୍ଣଶୀର୍ଣ୍ଣ ରୂପକୁ ।।

ଖଞ୍ଜଣି ଶବ୍ଦର ଝଙ୍କାର
ନିରବେ ନିଃଶବ୍ଦେ
ଛାତିରେ ଏବେ ବି ତୋଳେ ତନ୍ମୟତା
ଭୁଲି ନାହିଁ ସେ ଭାବ ଲୟ
ଅନ୍ତଃସ୍ୱରର ଲାଳିତ୍ୟ
ସେ ସମୟ ଯଦିଓ ଅତୀତ
ବର୍ତ୍ତମାନର ଅନୁଶାସନରେ
ଲଣ୍ଠନଟେ ପରି ଏବେ ଉପେକ୍ଷିତ..!

ଅପାଶୋରା ସ୍ମୃତି ସୁମଧୁର
ସେଦିନର ଯେତେ ସବୁ କଥା
ମଥାପିଟେ ହୃଦୟ ବେଳାରେ
ଛାଡିଯାଏ ମୁଠାଏ ଶୂନ୍ୟତା ..!!!

+ ଆଳି, କେନ୍ଦ୍ରାପଡା

## ମା'

### ସୁଧାଂଶୁ ଶେଖର ଦ୍ୱିବେଦୀ



ସୂର୍ଯ୍ୟର ପ୍ରଥମ କିରଣରେ
ସୁନା ରଙ୍ଗର ମାଟି ହସିଦିଏ
ମନ୍ଦିରରେ ଘଣ୍ଟା ବାଜିଲେ
ନଦୀର ଧାରା ପରି ବହିଯାଏ
ମାଟିର ନମୂନାରେ
କ୍ଷଣ ପ୍ରତିକ୍ଷଣ ତିଆରି ହୁଏ
ପ୍ରତିଟି ବୋଝକୁ
କାର୍ତ୍ତବ୍ୟର ଭାର ଉଠାଇ ଦୌଡୁଥାଏ
ସାଥୀଟିଏ ନମିଳିଲେ ବି
ଏକାକୀ ତା ମାର୍ଗରେ ଚାଲିଥାଏ
ଘର ପରିବାର ସମସ୍ତେ
ନିଜର ଅଂଶୀଦାର ମାନିନିଏ
ସଂସ୍କାରିତ ପରମ୍ପରା ଲାଗି
ଭାଇ ହାତରେ ରାଖୀ ପିନ୍ଧାଏ
ନିଷ୍କାମ ସେବାରେ
ବୟସ୍କଙ୍କ ପାଇଁ ଠେଙ୍ଗାଟିଏ ହୁଏ
କେବେ ପୁଣି
ସ୍ୱାମୀର ମଉନାବତୀ ସ୍ତ୍ରୀ ହୁଏ
ପିଲାଙ୍କ ପୋଷଣରେ
ନିଜ ରକ୍ତକୁ କ୍ଷୀର କରି ପିଆଏ
ପ୍ରତିକ୍ଷଣ ନିଜେ
ନିଜମାନଙ୍କୁ ଆପଣାର କରିନିଏ
ସେ ହିଁ ମା'
ଯିଏ ଗୋଟେ ସଂସାରକୁ ଗଢ଼ିଥାଏ ।

+ବିସି-୭୪ ,ସଲଟ ଲେକ,
କଲକତା-୬୪
(ମୋ) ୯୬୮୧୩୭୩୫୧୨

## ଅସହାୟ

### ପୁଷ୍ପାଞ୍ଜଳି ମିଶ୍ର



ମୁଁ ଆଜି ଅସହାୟ ହୋଇ ଯାଇଛି
ସମସ୍ତଙ୍କ ପାଖରେ
କ୍ଳାନ୍ତ ଆଉ ଅବସାଦରେ
ଜର୍ଜରିତ ହୋଇ
ଖାଲି ଯାହା ହାଡ କେଇ ଖଣ୍ଡ ଧରି
ଜୀର୍ଣ୍ଣ ଶୀର୍ଣ୍ଣ ହୋଇ ଯାଇଛି
ଯୌବନର ଭାରକୁ ଡେଇଁ
ବୟସର ରୁକ୍ଷତା ଭିତରେ
ହଜିଯାଇଛି ମୁଁ
ଅଲୋଡା ହୋଇ
ସମସ୍ତଙ୍କ ପାଖରେ
ଏବେ ଆଉ ମୋ କଥାକୁ
ଶୁଣି ବାକୁ କାହାରି ପାଖରେ
ଆଉ ସମୟ ନାହିଁ
ନିଜେ ସବୁ ତ୍ୟାଗ କରି
ସାଇତି ଥିଲି ଅନ୍ୟ ପାଇଁ
ଯାହା ଥିଲା ଦିନେ ଗର୍ବ ମୋର
ତାହା ଆଜି ଅନ୍ୟ ହସ୍ତାନ୍ତର
ନିଃସ୍ୱ ଆଜି ହୋଇ ଯାଇଛି
ସବୁ ଦୁଃଖ କଷ୍ଟକୁ ସହି ସହି
ମୁରବୀ ପଦବାଚ୍ୟଟି
କେବେଠାରୁ ଲିଭି ଗଲାଣୀ
ଜୀବନ ଡାଏରୀରୁ
ଆଉ ସମସ୍ତଙ୍କର ଅପେକ୍ଷା
ବୋଧେ ମୋର ମୃତ୍ୟୁକୁ

+ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ)୯୫୫୬୬୪୩୯୨୧

## ପରାଜୟ ରାଜନ୍

### ତପନ ସାହୁ



ତୁମ ପାଇଁ ତ ଏ ସାମ୍ରାଜ୍ୟ
ଏଠି ତୁମେ ରାଣୀ ବୋଲି ତ
ମଥାରେ ମୁକୁଟ ପିନ୍ଧି ମୁଁ ରାଜନ୍ !

ତୁମେ ଅଛ ବୋଲି ତ
ମୁଁ ମାରି ପାରେ ହଜାରେ ଶତ୍ରୁ
ଜିତି ପାରେ ରାଜ୍ୟ !

ରାଜା ହେବା ପାଇଁ କେବଳ
ଶକ୍ତି ଓ କୌଶଳ ଲୋଡା ନ ଥାଏ ଦେବୀ
ତୁମ ସ୍ନେହ ପ୍ରେମ ଓ ଅଗାଢ ବିଶ୍ୱାସ
ଯୁଦ୍ଧ ଜିତିବାରେ ହୁଏ ସହାୟକ !

ଯେବେ ଯୁଦ୍ଧକୁ ବାହାରେ
ତୁମ ଥାଳିରେ ଥାଏ
ଶୁଭେଚ୍ଛାର ଫୁଲ ଚନ୍ଦନ
ମଥାରେ ଆଙ୍କିଦିଅ ତୁମେ
ସିନ୍ଦୂର ଟୋପାରେ ଭର୍ତ୍ତି
ଆଗତୁରା ବିଜୟୀ ଭ୍ୱଃ ଅଭିନନ୍ଦନ !

ପ୍ରତିଥର ଲଢ଼ିବା ଆଗରୁ
ତୁମ ବିଦାୟ ଲୋଡା ଦେବୀ
ତୁମ ଅନୁମତି ବିନା କଣ
ଜିତି ହେବ ଯୁଦ୍ଧ,
ତୁମ ବିନା ଯୁଦ୍ଧ ହେଉ ବା ଜୀବନ
ତୁମେ ନ ଥିଲେ
ମୁଁ ଜଣେ
ପରାଜୟ ରାଜନ୍ !

+ ବେଲଗାଁ, ଏମ୍.ରାମପୁର, କଳାହାଣ୍ଡି,
(ମୋ)୯୦୧୯୩୧୧୮୬୮

## ଯୁଦ୍ଧ

### ଦିବାକର ନାୟକ



ଯେଉଁ ଯୁଦ୍ଧରେ ଏ ମାନବ ଜାତି
ଧ୍ୱଂସ ହେଇପାରେ ଦିନେ,
ସେ ଯୁଦ୍ଧକୁ ଶେଷ କରିବା ଉଚିତ୍
ଭାବୁଛି ମୁଁ ଆଜି ମନେ ।

ରକ୍ତପାତ ଆଉ ନର ସଂହାରରେ
ବିଜୟର କିବା ମାନେ,
ବିଜୟୀ ବି ପରା ଧୂଳିରେ ମିଶିବ
ପ୍ରାଣ ଛାଡିଗଲେ ଦିନେ ।

ଯୁଦ୍ଧରେ ରାଇଜ ହୀରା ନୀଳା ମୋତି
ମିଳିପାରେ ସିନା ଦିନେ,
ସେ ସବୁରେ ଖାଲି ଭଣ୍ଡାର ଭରଇ
ଶାନ୍ତି କି ଭରଇ ମନେ ।

ଯୁଦ୍ଧ ହିଁ ବିନାଶ, ବିନାଶରେ କେବେ
ବିକାଶ ଲଭିଛ ଦିନେ ?
ତୃଷ୍ଣା କି ମେଣ୍ଟିଛି ଆହତ ପ୍ରାଣର
ନିରୀହ ରକ୍ତ ପାନେ ।

କାହା ପାଇଁ ଯୁଦ୍ଧ କାହିଁକି କି ଏ ଯୁଦ୍ଧ
ଭାବିଛ କି କିଏ ମନେ,
ଏ ସାରା ବସୁଧା ଗୋଟିଏ କୁଟୁମ୍ବ
ଜାଣିନ କି କେହି ଦିନେ ।

+ପାଟପୁର, କନିସି-୭୬୧୦୦୮, ଗଞ୍ଜାମ
(ମୋ) ୯୯୩୮୬୧୯୯୮୧

# ୨୭ ସେପ୍ଟେମ୍ବର ଭାରତ ବନ୍ଦକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ସମର୍ଥନ

ଭୁବନେଶ୍ୱର,୨୦/୯ (ନି.ପ୍ର): ସଂଯୁକ୍ତ କିଷାନ ମଂଚ ଆହ୍ୱାନରେ ୨୭ ସେପ୍ଟେମ୍ବର ଭାରତ ବନ୍ଦକୁ ସମସ୍ତ କେନ୍ଦ୍ରୀୟ ସଂଗଠନ ସମର୍ଥନ କରିବା ଲାଗି ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବୈଠକରେ ରାଧାକାନ୍ତ ସେଠୀଙ୍କ ଦ୍ୱାରା ନିଷ୍ପତି ନିଆଯାଇଛି। ତତ୍‌ସହିତ ୨୪ ତାରିଖରେ ସ୍କିନ୍ ୱାର୍କର୍ସ ମାନଙ୍କ ଷ୍ଟ୍ରାଇକ୍‌କୁ ସମର୍ଥନ କରାଯାଇଛି। ଏହି ବୈଠକରେ ୩ ଟି କୃଷି ଆଇନକୁ ବାତିଲ କରିବା, ଶ୍ରମ କୋର୍ଡ଼କୁ ରଦ୍ଦ କରିବା, ବିଦ୍ୟୁତ ବିଲ୍ - ୨୦୨୦କୁ ପ୍ରତ୍ୟାହାର କରିବା, ପ୍ରାଇଭେଟ ମଣ୍ଡି ଉଚ୍ଛେଦ କରିବା, ଚାଷୀକୁ ସହାୟକ ମୂଲ୍ୟ ପ୍ରଦାନ କରିବା ଓ ୪୫ - ୪୬ ତମ ଶ୍ରମ ସମ୍ମିଳନୀର ସୁପାରିଶକୁ କାର୍ଯ୍ୟକାରୀ କରି ସ୍କିନ୍ ୱାର୍କରସ ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ଆଜି ସମସ୍ୟାକୁ ପ୍ରସଙ୍ଗ କରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନେ ସଂଯୁକ୍ତ ମୋର୍ଚ୍ଚାର ୨୭ ସେପ୍ଟେମ୍ବର ଭାରତ ବନ୍ଦର ଆହ୍ୱାନକୁ ସଫଳ କରିବା ଲାଗି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ମହିଳା ସଭାନେତ୍ରୀ ପ୍ରଣତୀ ମିଶ୍ର, ଯୁବ ଶାଖାର ସଭାପତି ସତ୍ୟବ୍ରତ ନାୟକ, ଏ.ଆଇ.ଟି.ୟୁ.ସିର ବିଜୟ ଜେନା, ଏଚ.ଏମ୍.ଏସର ବିରେନ୍ଦ୍ର ପ୍ରତାପ ଦାସ, ସି.ଆଇ.ଟି.ୟୁ.ର ରମେଶ ଜେନା, ଏ.ଆଇ.ୟୁ.ଟି.ୟୁ.ସିର ନିରଞ୍ଜନ ମହାନ୍ତି, ଟି.ୟୁ.ସି.ସିର ଜ୍ୟୋତି ରଞ୍ଜନ ମହାପାତ୍ର ଓ ସେୱାର ପରିଲତା ମହାପାତ୍ର ଯୋଗ ଦେଇ ଆସନ୍ତା ଭାରତ ବନ୍ଦକୁ ସଫଳ କରିବା ଲାଗି ରାଜଧାନୀରେ ବ୍ୟାପକ ପ୍ରଚାର ପ୍ରସାର କରିବା ପଥ ପ୍ରାନ୍ତ ସଭା ଓ ପ୍ରାଚୀର ପତ୍ର ବଂଟନ ମସଲା ରାଲି ବ୍ୟାପକ ଆୟୋଜନ କରିବା ଲାଗି ନିଷ୍ପତି ନିଆଯାଇଛି।

# ଆସନ୍ତା ଶିକ୍ଷା ବର୍ଷରୁ ଓଡ଼ିଆରେ ପଢାଯିବ ଇଞ୍ଜିନିୟରିଂ ଶିକ୍ଷା



ଭୁବନେଶ୍ୱର,୨୦/୯ (ନି.ପ୍ର): : ଆସନ୍ତା ଶିକ୍ଷା ବର୍ଷରୁ ଓଡ଼ିଆରେ ପଢାଯିବ ଇଞ୍ଜିନିୟରିଂ ଶିକ୍ଷା । ଏନେଇ ଇଓଉଞ୍ଜର ପକ୍ଷରୁ ମିଳିଛି ଗ୍ରୀନ୍ ସିଗନାଲ୍ । ନିକଟରେ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ ଏଜୁକେସନ,AICTE ଏବଂ ରାଜ୍ୟ ଭିତରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପଢାଇବାକୁ ନେଇ ବୈଠକରେ ହୋଇଛି ନିଷ୍ପତ୍ତି । ଏଥିଲାଗି ଓଡ଼ିଆରେ ଇଞ୍ଜିନିୟରିଂ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯିବ । ଓଡିଆ ଭାଷା ଓ ଗବେଷଣା ସଂସ୍ଥାର ତତ୍ତ୍ୱାବଧାନରେ ପାଠ୍ୟ ପୁସ୍ତକ ପ୍ରସ୍ତୁତି ହେବ ଖୁବ ଶୀଘ୍ର ଏନେଇ ସଂସ୍ଥା, କମିଟି ଗଠନ କରି ଅନୁବାଦ କାମ ଆରମ୍ଭ କରିବ । ତେବେ ଇଞ୍ଜିନିୟରିଂ ଟର୍ମ ଗୁଡିକରେ ବିଶେଷ ପରିବର୍ତ୍ତନ ନହୋଇ କେବଳ ସରଳ ଭାଷାରେ ଅନୁବାଦ ହେବ । ଉଦ୍ଦେଶ୍ୟ ପଛୁଆ ଅଞ୍ଚଳର ପିଲାଙ୍କ ଇଞ୍ଜିନିୟର ହେବା ସ୍ୱପ୍ନରେ ଯେପରି ଇଂରାଜୀ ଭାଷା ବାଧକ ନସାଜୁ । ସେପଟେ ଓଡିଶା ଘରୋଇ ଇଞ୍ଜିନିୟରିଂ କଲେଜ ସଂଘ, ଓପେକାର କହିବା ହେଲା ଏହାଦ୍ୱାରା ଫାଙ୍କା ପଡୁଥିବା ଇଞ୍ଜିନିୟରିଂ ସିଟ୍ ଗୁଡିକ ପୂରଣ ହୋଇପାରିବ। ଆଞ୍ଚଳିକ ଭାଷାରେ ଇଞ୍ଜିନିୟରିଂ ଶିକ୍ଷାଦାନକୁ ନୂଆ ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆରେ ପଢ଼ାଇବା ବ୍ୟବସ୍ଥା ହେଲେ ପଛୁଆ ଅଞ୍ଚଳର ଛାତ୍ରଛାତ୍ରୀ ବିଶେଷ ଲାଭପ୍ରଦ ହୋଇପାରିବେ। ପୂର୍ବରୁ ତାମିଲ, ତେଲୁଗୁ, ମାଲାୟଲମ୍, କନ୍ନଡ, ମରାଠୀ, ଗୁଜୁରାଟୀ, ବେଙ୍ଗଲୀ, ହିନ୍ଦୀ ଭଳି ୮ଟି ଭାଷାରେ ଇଞ୍ଜିନିୟରିଂ ପାଠ ପଢାଯାଉଛି। ଏବେ ନବମ ଭାଷା ଭାବେ ଓଡ଼ିଆରେ ଇଞ୍ଜିନିୟରିଂ ପଢାଯିବ । ତେବେ ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ଭିତରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରାଜ୍ୟରେ ୮୮ଟି ଘରୋଇ ଓ ୮ଟି ସରକାରୀ ଇଞ୍ଜିନିୟରିଂ କଲେଜ ରହିଛି। ପ୍ରତିବର୍ଷ ପ୍ରାୟ ୩୦ରୁ ୩୫ ହଜାର ଛାତ୍ର ଛାତ୍ରୀ ଆଡମିଶନ ନେଇଥିବାବେଳେ ପ୍ରାୟ ୧୦ ହଜାର ସିଟ୍ ଖାଲି ପଡୁଛି। ଏପଟେ ଆଞ୍ଚଳିକ ଭାଷାରେ ଇଞ୍ଜିନିୟରିଂ ଶିକ୍ଷାଦାନର ରୂପରେଖ ପ୍ରସ୍ତୁତ ଲାଗି ଆସନ୍ତା ୨୫ ତାରିଖରେ ଚୂଡାନ୍ତ ବୈଠକ ବସିବ।

# ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୮୯ତମ ଶ୍ରାଦ୍ଧୋତ୍ସବ ପାଳିତ



ଭୁବନେଶ୍ୱର,୨୦/୯ (ନି.ପ୍ର): ଓଡ଼ିଶାର ପ୍ରଥମ ବାରିଷ୍ଟର, ବିଶିଷ୍ଟ ସମାଜ ସଂସ୍କାରକ, ବିଦ୍ୱାନ, ଉତ୍କଳ ଗୌରବ ମଧୁବାବୁ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଘନିଷ୍ଠ ସହଯୋଗୀ, ଦକ୍ଷ ବ୍ୟବସ୍ଥାପକ, ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୮୯ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଅଛି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷ ସଂଜୟ କୁମାର ଦାସବର୍ମା, ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥି, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ତରଫରୁ ରବି ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଲୌହମାନବ ବଲ୍ଲଭ ଭାଇ ପଟେଲ୍‌ଙ୍କ ସହପାଠୀ ଓଡ଼ିଶାର ପ୍ରଥମ ବାରିଷ୍ଟ ଭାବରେ ବିଶ୍ୱନାଥ ମିଶ୍ର ଜଣେ ଦକ୍ଷ ଆଇନଜୀବୀ ଭାବେ କାର୍ଯ୍ୟ କରିବା ସହିତ ଓଡ଼ିଆ ଭାଷାର ସୁରକ୍ଷା ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅବିରତ ଉଦ୍ୟମ କରିଚାଲିଥିଲେ । ସ୍ୱଳ୍ପ ବୟସରେ ତାଙ୍କର ଅକାଳ ବିୟୋଗ ରାଜ୍ୟର ଅତୁଳନୀୟ କ୍ଷତି ସାଧନ କରିଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବି. ମୁରଲୀଧର, ବିଜୟ ପରିଡ଼ାଙ୍କୁ ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଅନନ୍ତ ବ୍ରତ ପାଇଁ ଅନନ୍ତ ବାସୁଦେବ ମନ୍ଦିରରେ ପୂଜାର୍ଚ୍ଚନା ଉପରେ କଟକଣା



ଭୁବନେଶ୍ୱର,୨୦/୯ (ନି.ପ୍ର): କୋଭିଡ୍ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଅନନ୍ତ ବାସୁଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ଉପରେ କଟକଣା ଜାରି ହୋଇଛି।

ବିଏମସି ପକ୍ଷରୁ କୁହାଯାଇଛି ଯେ, ଅନନ୍ତବ୍ରତ ପାଇଁ ଅନନ୍ତ ବାସୁଦେବ ମନ୍ଦିରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ହେବାର ସମ୍ଭାବନା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଅନନ୍ତ ବାସୁଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ଓ ମନ୍ଦିର ପରିସରରେ ମହାପ୍ରସାଦ ସେବା ଉପରେ କଟକଣା ଜାରି କରାଯାଇଛି। ତେବେ ମନ୍ଦିରରେ ଠାକୁରଙ୍କ ପୂଜା ରୀତିନୀତି ଯଥାବତ୍ ସମ୍ପାଦନ ହେବ। କୋଭିଡ୍ ଗାଇଡଲାଇନ ପାଳନ କରି କେବଳ ଦୁଇ ଡୋଜ୍ ଟିକା ନେଇଥିବା ସେବାୟତଙ୍କୁ ମନ୍ଦିରରେ ପୂଜାର୍ଚ୍ଚନା ନିମନ୍ତେ ଅନୁମତି ଦେବାକୁ ମନ୍ଦିର ପ୍ରଶାସନକୁ କୁହାଯାଇଛି। ସେବାୟତମାନେ ନିର୍ଶ୍ଚିତ ଭାବେ ମାସ୍କ ଓ ସାମାଜିକ ଦୂରତ୍ୱ ରକ୍ଷା କରିବେ। ସେବାୟତମାନଙ୍କୁ ସାନିଟାଇଜର ଦେବାକୁ ମଧ ବିଏମସି ନିର୍ଦ୍ଦେଶ ଦେଇଛି। ସୂଚନାଯୋଗ୍ୟ, ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଥିବା ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତବ୍ରତରେ ପୂଜାର୍ଚ୍ଚନା ପାଇଁ ପ୍ରବଳ ଭିଡ଼ ହୋଇଥାଏ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଏମସି ପକ୍ଷରୁ ଗତକାଲି ଭୁବନେଶ୍ୱର ତହସିଲ ଅଫିସ ଓ ସବକଲେକ୍ଟର ଅଫିସକୁ ୭ଦିନ ପାଇଁ ସିଲ୍ କରାଯାଇଛି।

# ଯୁକ୍ତ ୩ ନାମଲେଖା : ୩୭ ହଜାର ନାମ ଲେଖାଇଲେ ନାହିଁ



ଭୁବନେଶ୍ୱର ,୨୦/୯ (ନି.ପ୍ର): ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧ ଲକ୍ଷ ୬୮ ହଜାର ୫୩୭ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଥିଲେ। କଳାରେ ୧ ଲକ୍ଷ ୨ ହଜାର ୨୯୨, ଫିଜିକାଲ ସାଇନ୍ସରେ ୨୫ ହଜାର ୩୫୦, ବାୟୋଲୋଜିକାଲ ସାଇନ୍ସରେ ୧୮ ହଜାର ୩୩୮, ବାଣିଜ୍ୟରେ ୧୭ ହଜାର ୬୩୪, ସଂସ୍କୃତରେ ୩ ହଜାର ୭୮୮ ଓ ସେଲ୍ଫ ଫାଇନାନ୍ସିଂରେ ୧୧୩୫ ଜଣ ମେଧା ତାଲିକାରେ ରହିଥିଲେ। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୩୧ ହଜାର ୧୮୪ ଜଣ ନାମ ଲେଖାଇଛନ୍ତି। କଳାରେ ୮୧ ହଜାର ୩୬୯, ଫିଜିକାଲ ସାଇନ୍ସରେ ୧୮ ହଜାର ୬୦୬, ବାୟୋଲୋଜିକାଲ ସାଇନ୍ସରେ ୧୩ ହଜାର ୧୭୭, ବାଣିଜ୍ୟରେ ୧୪ ହଜାର ୧୬୨, ସଂସ୍କୃତରେ ୩୨୦୦ ଓ ସେଲ୍ଫ ଫାଇନାନ୍ସିଂରେ ୬୭୦ ଜଣ ୧୦୨୫ଟି କଲେଜରେ ନାମ ଲେଖାଇଛନ୍ତି। ଆହୁରି ୩୭ ହଜାର ୩୫୩ ଜଣ ଏପର୍ଯ୍ୟନ୍ତ ନାମ ଲେଖାଇ ନାହାନ୍ତି। ଆସନ୍ତା ୨୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୩ ତାରିଖ ପୂର୍ବାହ୍ନ ୧୧ରେ ତାଲିକା ପ୍ରକାଶ ପରେ ୨୭ ତାରିଖ ଯାଏ ନାମଲେଖା ଫି' ଦାଖଲ କରିହେବ। ଏହି ପର୍ଯ୍ୟାୟରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନାମଲେଖା ୨୪ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ କଲେଜ କର୍ତ୍ତୃପକ୍ଷ ନାମଲେଖା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଇ-ସ୍ପେସ୍‌ରେ ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ରାଜ୍ୟରେ ଚିହ୍ନଟ ହେଲେ ୫୧୦ ଆକ୍ରାନ୍ତ: ୭୯ କେବଳ ଛୁଆ



ଭୁବନେଶ୍ୱର,୨୦/୯ (ନି.ପ୍ର): ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୧୦ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୭୯ ଜଣ ଅଛନ୍ତି। ୫୧୦ ପଜିଟିଭଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍‌ରୁ ୨୯୭ଚିହ୍ନଟ ହୋଇଥିବା ବେଳେ ଲୋକାଲ କେସ୍ ହେଉଛି ୨୧୩ଟି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୯୭ ପଜିଟିଭ ଚିହ୍ନଟ ହୋଇଛନ୍ତି।

ଅନୁଗୋଳ ଜିଲ୍ଲାରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୩, ଭଦ୍ରକରୁ ୯, ବଲାଙ୍ଗିରରୁ ଜଣେ, ବୌଦ୍ଧରୁ ଜଣେ, କଟକରୁ ୭୮, ଗଜପତିରୁ ୭, ଗଂଜାମରୁ ୧୨, ଜଗତସିଂହପୁରରୁ ୨୨, ଯାଜପୁରରୁ ୨୨, ଝାରସୁଗୁଡ଼ାରୁ ୮, କଳାହାଣ୍ଡିରୁ ଜଣେ, କନ୍ଧମାଳ ୪, କେନ୍ଦ୍ରାପଡ଼ା ୭, କେନ୍ଦୁଝରୁ ଜଣେ, କୋରାପୁଟ ୩, ମାଲକାନଗିରି ୪, ମୟୂରଭଞ୍ଜ ୧୪, ନୟାଗଡ଼ରୁ ଜଣେ, ପୁରୀରୁ ୨୦, ରାୟଗଡ଼ା ୩, ସମ୍ବଲପୁର ୯, ସୁନ୍ଦରଗଡ଼ରୁ ୩ ଓ ଷ୍ଟେଟ୍ ପୁଲ୍‌ରୁ ୪୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୦ ହଜାର ୭୫୪କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୦ ଲକ୍ଷ ୭ ହଜାର ୬୬ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ୫,୪ ୯୪ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଗତକାଲି ସୁଦ୍ଧା ୮,୧୩୫ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି।

# କମୁଛି ବିଭିନ୍ନ ନଦୀର ଜଳସ୍ତର: ଏବେବି ପାଣିଘେରରେ ବିଭିନ୍ନ ଗାଁ



ଭୁବନେଶ୍ୱର,୨୦/୯ (ନି.ପ୍ର): ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ବର୍ଷା କମିବା ପରେ ସେଗୁଡ଼ିକର ଜଳସ୍ତର ହ୍ରାସ ପାଉଛି। ମହାନଦୀରେ ଜଳସ୍ତର କମୁଥିବା ବେଳେ ବୁଢ଼ାବଳଙ୍ଗ, ଇବ୍, ରଷିକଲ୍ୟା, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଓ ବୈତରଣୀ ସମେତ ପ୍ରାୟ ସବୁ ନଦୀର ଜଳସ୍ତର ହ୍ରାସ ପାଉଛି।

ହୀରାକୁଦର ଜଳସ୍ତର ହ୍ରାସପାଉଥିବା ବେଳେ ଜଳଭଣ୍ଡାରର ଆଉ ୪ଟି ଗେଟକୁ ବନ୍ଦ କରି ଦିଆଯାଇଛି। ଏବେ ୮ ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରେ ବର୍ଷା କମିଥିବାରୁ ଜଳ ଭଣ୍ଡାରକୁ ବନ୍ୟା ଜଳ ପ୍ରବେଶ କମିଛି। ଆଜି ସକାଳ ୬ଟା ସୁଦ୍ଧା ସେଠାରେ ୧୨ଟି ଗେଟ୍ ଖୋଲା ଥିଲା। ଆଉ ସେତେବେଳେ ଜଳଭଣ୍ଡାରକୁ ୨ ଲକ୍ଷ ୩୭ ହଜାର ୫୮୩ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨ ଲକ୍ଷ ୨୪ ହଜାର ୮୭୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିଲା। ବିଭିନ୍ନ ନଦୀରେ ଜଳ ପତନ ହ୍ରାସ ପାଉଥିଲେ ମଧ ବନ୍ୟାଜଳ ନିଷ୍କାସନ ହୋଇପାରୁ ନଥିବାରୁ ବିଭିନ୍ନ ଗାଁକୁ ଏବେବି ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ନଦୀ କୂଳରେ ରହିଥିବା ବହୁ ଗାଁ ପାଣିଘେରରେ ରହିଥିବାରୁ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାପକ ଅଞ୍ଚଳରେ ଚାଷଜମି ପ୍ରଭାବିତ ହୋଇଥିବାରୁ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି।

ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲାରେ ବ୍ୟାପକ ଧାନ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ଜିଲ୍ଲାର ରେମୁଣା, ବସ୍ତା, ବାଲିଆପାଳ, ଭୋଗରାଇ ଓ ବାଲେଶ୍ୱର ସଦର ବ୍ଲକରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟା ପାଣି ମାଡ଼ିଯାଇଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଲଗାଣ ବର୍ଷା ଯୋଗୁ ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଦେବୀ ଓ ତା'ର ଶାଖାନଦୀର ବନ୍ଧରେ ବିଭିନ୍ନ ସ୍ଥାନରେ ମାଟି ଧୋଇଯାଇଛି। ଫଳରେ ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ୬ ଦିନ ହେଲା ଏହି ନଦୀବନ୍ଧ ଧସେଇ ପଡ଼ିଥିବା ବେଳେ ସ୍ଥାନୀୟ ଜଳ ସମ୍ପଦ ବିଭାଗ ଏପର୍ଯ୍ୟନ୍ତ ବନ୍ଧ ମରାମତି କରିନଥିବା ଯୋଗୁ ଆଖପାଖ ଅଞ୍ଚଳର ଲୋକ ଆତଙ୍କିତ ହୋଇ ପଡ଼ିଛନ୍ତି। ବିଶେଷକରି ଅସ୍ତରଙ୍ଗର ଅସନ, କାଳିଆକଣ ଆଦି ଏକାଧିକ ସ୍ଥାନରେ ଦେବୀ ନଦୀବନ୍ଧ ଭୁଶୁଡି ପଡିଛି। ଝାଡ଼ଲିଙ୍ଗ ଲୁଣାବନ୍ଧରେ ବିଭିନ୍ନ ସ୍ଥାନରେ ମଧ ବନ୍ଧ ଖାଇ ଯାଇଥିବା ଦେଖିବାକୁ ମିଳିଛି। ତେବେ ଏନେଇ ସ୍ଥାନୀୟ ଜଳସମ୍ପଦ ବିଭାଗ ପକ୍ଷରୁ କୋଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ବିଜେଡିରେ ଯୋଗ ଦେଲେ ଜେଏମଏମର ପୂର୍ବତନ ରାଜ୍ୟ ସଭାପତି ଓ ଉପସଭାପତି

ଭୁବନେଶ୍ୱର,୨୦/୯ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜେଏମଏମର ପୂର୍ବତନ ରାଜ୍ୟ ସଭାପତି ମହେଶ ଚନ୍ଦ୍ର ହେମ୍ବ୍ରମ ଓ ଜେଏମଏମର ରାଜ୍ୟ ଉପସଭାପତି ରାମଚନ୍ଦ୍ର ମୁର୍ମୁ ବିଜେଡିରେ ଯୋଗ ଦେଇଛନ୍ତି। ଉଭୟଙ୍କ ସହିତ ଅନ୍ୟ ନେତା ଓ କର୍ମୀ ବି ସାମିଲ ହୋଇଛନ୍ତି। ୨୦୦୯ ଓ ୨୦୧୪ ରେ ଜଶିପୁରରୁ ଜେଏମଏମର ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମହେଶ ହେମ୍ବ୍ରମ। ୨୦୧୯ରେ ସେ ସାରସକଣାରୁ ପ୍ରତିଦ୍ୱନ୍ଦିତା କରିଥିଲେ। ରାମଚନ୍ଦ୍ର ମୁର୍ମୁ ୨୦୧୯ରେ ଜେଏମଏମ୍ ଟିକଟରେ ରାଇରଙ୍ଗପୁରରୁ ବିଧାନସଭା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ଦୁଇ ଜଣଙ୍କ ବ୍ୟତୀତ ସଧାରଣ ସମ୍ପାଦକ ଗୋବିନ୍ଦ ସୋରେନ ଓ କୁସୁମୀ ବ୍ଲକର ଅଧକ୍ଷା ଚନ୍ଦ୍ରିକା ଟୁଡୁ ବି ବିଜେଡିରେ ସାମିଲ ହୋଇଛନ୍ତି। ଏହାଛଡ଼ା ବହୁ ସଂଖ୍ୟାରେ ଜେଏମଏମର ତୃଣମୂଳ ନେତା ବିଜେଡିର ସାମିଲ ହୋଇଛନ୍ତି। ବିଜେଡି କାର୍ଯ୍ୟାଳୟରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଏମାନେ ଦଳରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଦେବାଶିଷ ମାରାଣ୍ଡି ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଆଉଟ୍‌ସୋର୍ସିଂ ମୋଡ୍‌ରେ ଚାଲିବ ବିଶ୍ୱବିଦ୍ୟାଳୟ ହଷ୍ଟେଲ

ଭୁବନେଶ୍ୱର,୨୦/୯ (ନି.ପ୍ର): ବିଶ୍ୱବିଦ୍ୟାଳୟରେ ଥିବା ସମସ୍ତ ହଷ୍ଟେଲଗୁଡ଼ିକ ଆଉଟ୍‌ସୋର୍ସି ମୋଡ୍‌ରେ ଚାଲିବ। ହଷ୍ଟେଲ ଚଲାଇବା ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାର ମାନବ ଶକ୍ତି ଯୋଗାଇବା ଲାଗି ବିଶ୍ୱବିଦ୍ୟାଳୟଗୁଡ଼ିକ ଆଉଟ୍‌ସୋର୍ସି ଏଜେନ୍ସିକୁ ଚିହ୍ନଟ କରିବେ। ଯେଉଁଥିରେ ରୋଷେୟା, ସହାୟକ, ସୁରକ୍ଷାକର୍ମୀ, ହାଉସ୍ କିପିଂ ଆଦି ରହିବେ। ଏମାନେ ହଷ୍ଟେଲରେ ଝାଡୁ ମାରିବା ସହ ସଫେଇ, ବିଶୋଧନ କାର୍ଯ୍ୟ, ବଗିଚା କାର୍ଯ୍ୟ, ମେସ୍ କିମ୍ବା ୱାର୍ଡ ବାଳକ ଭାବେ କାର୍ଯ୍ୟ କରିବେ। ବିଶ୍ୱବିଦ୍ୟାଳୟ ନିଜ କର୍ମଚାରୀଙ୍କୁ କେୟାର-ଟେକ(ବାଳକ ହଷ୍ଟେଲ ପାଇଁ) ଏବଂ ମ୍ୟାଟ୍ରନ୍(ବାଳିକା ହଷ୍ଟେଲ ପାଇଁ) ଭାବେ ନିୟୋଜିତ କରାଇବେ। ଆଉଟସୋର୍ସି ଏଜେନ୍ସି ଦ୍ୱାରା ହଷ୍ଟେଲଗୁଡ଼ିକର କାର୍ଯ୍ୟ ପାଇଁ ଆବଶ୍ୟକ ଲୋକଙ୍କୁ ନିୟୋଜିତ କରିବାକୁ ନିର୍ଶ୍ଚିତ କରିବା ବିଶ୍ୱବିଦ୍ୟାଳୟର ଦାୟିତ୍ୱ। ଏଥିସହ ବିଶ୍ୱବିଦ୍ୟାଳୟ ଗେଷ୍ଟ ହାଉସ୍, ଟ୍ରାଞ୍ଜିଟ୍ ହାଉସ୍, ଏଚ୍‌ଆରଡିସି, ଟ୍ରେନିଂ ସେଣ୍ଟର ଆଦି ମଧ ଆଉଟ୍‌ସୋର୍ସି ମୋଡ୍‌ରେ ଚାଲିବ।

# ମହାନଦୀରେ ପାଣି କମୁଛି



ଭୁବନେଶ୍ୱର ,୨୦/୯ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଘୂର୍ଣ୍ଣିବଳୟ ଜନିତ ବର୍ଷା ଲାଗି ରହିଥିଲେ ହେଁ ଏବେ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ବନ୍ୟା ଭୟ ଟଳିଛି। ଏସ୍‌ଆରସିଙ୍କ ସୂଚନା ଅନୁଯାୟୀ, ହୀରାକୁଦରେ ରବିବାର ଦିନ ୮ଟି ଗେଟ୍ ବନ୍ଦ କରାଯାଇଥିବାବେଳେ ମାତ୍ର ୪ଟି ଗେଟ୍‌ରେ ୯୫,୨୩୦କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ଛତିଶଗଡ଼ରେ ବର୍ଷା କମିଥିବାରୁ ମହାନଦୀରେ କମ୍ ଜଳ ପ୍ରବେଶ କରୁଛି। ତଳ ମୁଣ୍ଡରେ ବି ଜଳ ପ୍ରବାହ କମିଛି। ଏବେ ନରାଜରେ ୨୫.୬୭ମିଟରରେ ଜଳ ପ୍ରବାହ ହେଉଥିବାବେଳେ ସେକେଣ୍ଡ ପିଛା ୫,୮୨,୮୬୫କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ତେଣୁ ମହାନଦୀ ଓ ଶାଖା ନଦୀରେ ବନ୍ୟା ଭୟ ନାହିଁ। ସେହିପରି ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୂଲ୍ୟ, ଜଳକା ନଦୀରେ ବି ଜଳପତନ କମିବାରେ ଲାଗିଛି

# ମୁକୁଳିସ ମିଶନଶକ୍ତି ଗୃହରେ ବସ୍ତା ଲୋକ କଳାକାରଙ୍କୁ ନେଇ ବୈଠକ



ବସ୍ତା,୨୦/୦୯ (ନି.ପ୍ର): ବସ୍ତାବ୍ଲକ ମୁକୁଳିସ ପଞ୍ଚାୟତ ମୁକୁଳିସ ମିଶନଶକ୍ତି ଗୃହରେ ସମୋବାର ବସ୍ତା ବ୍ଲକ ର ୬୧୨ ଜଣ କଳାକାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବସ୍ତା କଳାସଂସ୍କୃତିର ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ହରିଶ୍ଚନ୍ଦ୍ର ବେହେରା ମଙ୍ଗଳା ଚରଣ ପାଠ କରିଥିଲେ । ଜିଲ୍ଲା ଲୋକକଳା ଓଡିଆଭାଷା ସାହିତ୍ୟ ଓ ସମାଜସେବାକଲ୍ୟାଣ ସଂଘର ସମ୍ପାଦକ ଗଜେନ୍ଦ୍ରଜେନା ଯୋଗଦେଇ କଳାକାର ମାନଙ୍କର ପଞ୍ଜିକୃତ ତାଲିକାରେ ୬୧୨ଜଣଙ୍କନାମ ଉଲ୍ଲେଖ କରାଯାଇଛି । ଯାହା ବାଲେଶ୍ୱର ଗାନ୍ଧିସ୍ମୃତି ଭବନ ରେ ଏକ କାର୍ଯ୍ୟକ୍ରମରେ ପୂର୍ବରୁ ଉପସ୍ଥାପନ କରାଯାଇଥିଲା । ସଂଗଠକ ବିଜୟ ବାରିକ, ଅଦୈତ୍ୟଯେନା, ଆଇନଯିବିରବିନ୍ଦ୍ର ଧାମୁଡିଆ, ଚନ୍ଦ୍ରକାନ୍ତ ପରିଡା, ପର୍ଶୁରାମପରିଡା, ପଞ୍ଚାନନପରିଡା, ସଞ୍ଜୟ ମହାନ୍ତି.ଭବାନୀରାଣୀ ବେହେରା, ଶରତ ବାରିକ ଘନଶ୍ୟାମ ବେହେରା, ଅଭିରାମ ବେହେରା, ଗୌତମ ଜେନା, ଝାଡେଶ୍ୱର କୋଇ, ପୂର୍ଣ୍ଣଚନ୍ଦ୍ର ପାତ୍ର, କମଳାକାନ୍ତଚନ୍ଦ, ରାଜେନ୍ଦ୍ର ରାଉଳ, ଭଗନାଥ ପଣ୍ଡିତ, ପ୍ରମୁଖ ବହୁ କଳାକାର ଉପସ୍ଥିତ ଥିଲେ ସୁଧାଂଶୁଚନ୍ଦ ଧନ୍ୟବାଦ ଜଣାଇଥିଲେ ।

# ଗାନ୍ଧୀ ଜୟନ୍ତୀରୁ ବାଙ୍ଗିରିପୋଷି ଭୁବନେଶ୍ୱର ଟ୍ରେନ୍‌ରେ ଏସି ବଗି



ବାରିପଦା,୨୦/୦୯ (ନି.ପ୍ର): ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ମୟୁରଭଞ୍ଜବାସୀଙ୍କ ପାଇଁ ଦେଇଛନ୍ତି ଖୁସି ଖବର । ଗାନ୍ଧୀ ଜୟନ୍ତୀରୁ ବାଙ୍ଗିର ପୋଷି ଭୁବନେଶ୍ୱର ଟ୍ରେନରେ ଯୋଡି ହେବ ଏସିବଗି । ପୂର୍ବରୁ ଏହି ଟ୍ରେନରେ କୌଣସି ଏସିବଗି ନଥିବା ବେଳେ ପ୍ରଥମ ଥର ପାଇଁ ଏହି ଏସି ବଗିର ସଂଯୋଗ ହେବ । ଫଳରେ ଟ୍ରେନରେ ଯାତ୍ରା କରୁଥିବା ମୟୁରଭଞ୍ଜ ବାସୀ ଏବେ ଏସି ବଗିରେ ଯାତାୟତ କରିବାର ସୁଯୋଗ ପାଇ ପାରିବେ । ଏନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହ ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଓ ସ୍ଥାନୀୟ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସାଧୁବାଦ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରୁଷ ୟୁନିଭର୍ସିଟି କ୍ୟାମ୍ପସରେ....

ଅନୁସାରେ, ଜଣେ ଅଜ୍ଞାତ ବ୍ୟକ୍ତି 'ପିଏସ୍‌ୟୁ'ର ଗୋଟିଏ ଅଟ୍ଟାଳିକାରେ ଗୁଳି ଚଳାଇଥିଲେ। ରୁଷ୍ ?ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଥିଲା ଯେ, ଉପରୋକ୍ତ ଘଟଣାରେ ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ରୁଷର 'ଟାସ୍ ନିଉଜ୍ ଏଜେନ୍‌ସି' ରିପୋର୍ଟ ଅନୁସାରେ , ଆକ୍ରମଣକାରୀଙ୍କ ଠାରୁ ବର୍ତ୍ତିବା ପାଇଁ କେତେକ ଶିକ୍ଷାର୍ଥୀ ବିଶ୍ୱବିଦ୍ୟାଳୟ ଅଡିଟରିୟମ୍‌ରେ କବାଟ କିଳି ରହିଥିଲେ। କେତେକ ଶିକ୍ଷାର୍ଥୀ ଝରକା ବାଟେ ଡେଇଁ ପଳାଇଥିଲେ। ଆଇନ୍ ପ୍ରବର୍ତ୍ତନକାରୀ ଏଜେନ୍ସୀ ମାନେ ଘଟଣାସ୍ଥଳରେ ପହଂଚିଥିଲେ ।ଗଣମାଧ୍ୟମ ରିପୋର୍ଟ ମୁତାବକ, ବନ୍ଧୁକଧାରୀ ଜଣକ ହାନିକାରକ ତଥା ସ୍ୱଳ୍ପ ମାରାତ୍ମକ ଅସ୍ତ୍ର ଧରିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିଥିଲା ଏବଂ ଅଳ୍ପ ସମୟ ପରେ ଧରାପଡ଼ିଥିଲା। ବନ୍ଧୁକଧାରୀଜଣକ ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ର ବୋଲି 'ରୁଷ୍‌ର 'ଇନ୍‌ଭେଷ୍ଟିଗେଟିଭ୍ କମିଟି' କହିଛି।

## ୫୦ ହଜାର ଟଙ୍କା ମୁଚାଲିକାରେ....

ଏହାପରେ ସୋମବାର ମୁମ୍ବାଇ କୋର୍ଟ ରାଜ କୁନ୍ଦ୍ରାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି । ଅଶ୍ଳୀଳ ସିନେମା ପ୍ରସ୍ତୁତ କରିବା ଏବଂ ଆପ୍ ଜରିଆରେ ସେଗୁଡିକ ରିଲିଜ୍ କରିବା ନେଇ ପୋଲିସ୍ ବିଳମ୍ବିତ ରାତିରେ ରାଜ କୁନ୍ଦ୍ରାଙ୍କୁ ଗିରଫ କରିଥିଲା । ଏହାପରେ ବଲିଉଡର ଲୋକପ୍ରିୟ ଦମ୍ପତି ଶିଳ୍ପା ସେଟ୍ଟୀ ଓ ରାଜ କୁନ୍ଦ୍ରାଙ୍କ ଜୀବନ ପୂରା ଓଲଟ ପାଲଟ ହୋଇଯାଇଥିଲା । ତଦନ୍ତର ପରିସରକୁ ରାଜ କୁନ୍ଦ୍ରାଙ୍କ ସହ ଟଣାହେଲେ ପତ୍ନୀ ଶିଳ୍ପା ସେଟ୍ଟୀ । ମାତ୍ର ତାଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନଥିଲା ପୋଲିସକୁ । ଗଣମାଧ୍ୟମରେ ମଧ ଶିଳ୍ପା ସେଟ୍ଟୀ ଓ ରାଜ କୁନ୍ଦ୍ରାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଖବର ଦେଖିବାକୁ ମିଳିଲା । ରାଜ ଗିରଫ ହେବା ପରେ ସବୁଠାରୁ ବେଶି ପ୍ରଭାବିତ ହେଲେ ଶିଳ୍ପା । ତାଙ୍କ ହାତରୁ ଅନେକ ବିଜ୍ଞାପନ ଓ ପ୍ରୋଜକ୍ଟ ମଧ ପଳେଇଲା । ଏତେ ସବୁ ସମସ୍ୟା ପରେ ଶେଷରେ ରାଜ କୁନ୍ଦ୍ରାଙ୍କୁ ମିଳିଛି ଜାମିନ୍ । ତେବେ ଏହା ପରେ ଶିଳ୍ପା ଓ ରାଜଙ୍କ ବ୍ୟକ୍ତିଗତ ଜୀବନ ଆଗଭଳି ସ୍ୱାଭାବିକ ହେବ କି ନାହିଁ ତାହା ସମୟ କହିବ ।

# କଲେଜ ଲାଇବ୍ରେରୀରେ ପଶିଲା ବର୍ଷା ପାଣି

ବସ୍ତା,୨୦/୦୯ (ନି.ପ୍ର): ବସ୍ତା ଥାନା ଅମର୍ଦ୍ଦାରୋଡ୍ ସିଦ୍ଧେଶ୍ୱର କଲେଜ ଲାଇବ୍ରେରି ରେ ପଶିଲା ବର୍ଷାପାଣି। ଲଘୁଚାପ ଜନିତ ଲଗାଣ ବର୍ଷାରେ ଲାଇବ୍ରେରି ମଧ୍ୟକୁ ସୁଅ ଛୁଟି ଥିଲା ବର୍ଷାପାଣି। ଫଳରେ ବହୁ ଗୁରୁତ୍ତ୍ୱ ପୂର୍ଣ୍ଣ ବହି ପାଣିରେ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏହି କଲେଜ ଖେଳ ପଡ଼ିଆରେ ମାଟି ଫିଲିଂ ବିନା ପ୍ଲାନ୍ ଓ ବିନା ପାଣି ନିଷ୍କାସନ ବ୍ୟବସ୍ଥା ରେ ହୋଇଥିବାରୁ ଆଜି ଏଭଳି ଅଭାବନୀୟ ଘଟଣା ଘଟିଛି ବୋଲି ଜଣାଯାଇଛି। ଗୋଟେ ଲଗାଣ ବର୍ଷା ଯାଇ ଥିବାବେଳେ ପୁଣି ଆଉ ଏକ ଲଗାଣ ବର୍ଷା ଆରମ୍ଭ ହୋଇଥିବାରୁ ପୁଣି ବର୍ଷାପାଣି ଲାଇବ୍ରେରି କୁ ପଶିବା ଆଶଙ୍କା କରାଯାଇଛି। ତେବେ ବର୍ଷାପାଣି ଲାଇବ୍ରେରି ମଧ୍ୟରେ ଲହଡ଼ି ଭାଙ୍ଗୁ ଥିବାବେଳେ କଲେଜ ଅଧକ୍ଷ ଦୁଇଜଣ ଲେବର ଲଗାଇ ବାଲ୍ଟି ଯୋଗେ ପାଣି ବାହି ଲାଇବ୍ରେରି ରୁ ପାଣି ନିଷ୍କାସନ କରିଛନ୍ତି। ତେବେ ବାରମ୍ଭାର ଲାଇବ୍ରେରି ରେ ପାଣି ପଶିବା ଓ ତାକୁ କୃତ୍ରିମ ରୂପେ ପାଣି ବାହି ପରିଷ୍କାର କରିବା ପରିବର୍ତ୍ତେ ଏହାର ସ୍ଥାୟୀ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ବିଭିନ୍ନ ଛାତ୍ର ନେତା ଦାବି କରିଛନ୍ତି। ତେବେ କଲେଜ ଗେଟ୍ ନିକଟରେ ନୂତନ ଭାବେ ଲାଇବ୍ରେରି ନିର୍ମାଣ ପାଇଁ ସମସ୍ତ ପ୍ରକ୍ରିୟା ସାରିଥିବା ବେଳେ ଯଥାଶୀଘ୍ର ଉକ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି କଲେଜ ଅଧକ୍ଷ ଅକ୍ଷୟ କୁମାର ପରିଡ଼ା ପ୍ରକାଶ କରିଛନ୍ତି।

# ୬ଶହ ଲିଟର ଦେଶୀମଦ ଜବତ, ୩ ଯୁବକ ଗିରଫ

ବାଲେଶ୍ୱର,୨୦/୦୯ (ନି.ପ୍ର): ବାଲେଶ୍ୱର ଅବକାରୀ ବିଭାଗ ସଦର ଶାଖା ପକ୍ଷରୁ ନିମିକି ସଡ଼କର ଶ୍ରୀଜଙ୍ଗ ନିକଟରୁ ୩ ଜଣ ଚୋରା ଦେଶୀମଦ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୬ଶହ ଲିଟର ଦେଶୀମଦ ସହ ୪ଟି ବାଇକ ଅବକାରୀ ଟିମ ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ପୁରୁଣା ବାଲେଶ୍ୱର ଗଙ୍ଗାରାମପାଟଣାର ତପନ ମହାନ୍ତି(୩୧) ଓ ଚୁନପଠାର କରୁଣାକର ବାରିକ(୨୯) ଏବଂ ବଡ଼ଖୁଆ ଅଞ୍ଚଳର ସୁଶାନ୍ତ ଜେନା(୧୯)। ପୁରୁଣା ବାଲେଶ୍ୱରରୁ ସୋର ଓ ଭଦ୍ରକ ଅଞ୍ଚଳକୁ ଚୋରା ଦେଶୀରମଦ ଚାଲଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦର ଅବକାରୀ ଅଧିକାରୀ ବାଳକ ବିସି ଓ ପ୍ରବୀଣ କୁମାର ପ୍ରଧାନ ଏବଂ ଫ୍ଲାଇଂ ସ୍କ୍ୱାର୍ଡ଼ ଅଧିକାରୀ ଗାଲୁରାମ ସୋରେନ, ରଶ୍ମିରେଖା ପାତ୍ର ପ୍ରମୁଖ ନିମିକି ସଡ଼କର ଶ୍ରୀଜଙ୍ଗ ତାରିଣୀଛକ ନିକଟରେ ସୋମବାର ସକାଳ ୬ଟାରୁ ଜଗି ରହିଥିଲେ। ଅଭିଯୁକ୍ତମାନେ ପ୍ରାୟ ଅଧଘଣ୍ଟାଏ ପରେ ୪ ଗୋଟି ବାଇକରେ ୪ଜଣ ଦେଶୀମଦ ନେଇ ଯାଉଥିବା ବେଳେ ଅବକାରୀ ଟିମ ୩ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ତେବେ ଏହି ଧରପଗଡ଼ ବେଳେ ବାଇକ ଛାଡ଼ି ଜଣେ ପଳାଇ ଯାଇଥିଲା। ଏନେଇ ଏକ ମାମଲା ରୁଜୁ ସହ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଅସ୍ଥାୟୀ କାଠ ପୋଲ ରାସ୍ତା ନିର୍ମାଣକୁ ସାଧାରଣରେ ପ୍ରଶଂସା



ଜଳେଶ୍ୱର,୨୦/୦୯ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧୀନରେ ଥିବା ଶ୍ରୀରାମପୁର ପଂଚାୟତର ମାଳିପାଳଠାରେ ଥିବା ଗହିରା ଖାଲ ଉପରେ ସ୍ଥାୟୀ ପକ୍କା ପୋଲ ନିର୍ମାଣ କାର୍ଯ୍ୟ ବହୁବାଧା ବିଘ୍ନ ରେ ପୋଲ କାର୍ଯ୍ୟ ସୁଚାରୁ ରୂପେ ଚାଲିଛି ! ଆଠ ଦଶ ଦିନ ଧରି ବର୍ଷା ସାଙ୍ଗକୁ ସୁବର୍ଣ୍ଣରେଖାର ବନ୍ୟା ଫଳରେ ସେଠାରେ ଥିବା ଅସ୍ଥାୟୀ କାଠ ପୋଲ ଏବଂ ସଂଗଯୁକ୍ତ ରାସ୍ତା ଭାଙ୍ଗି ଯାଇଥିଲା ! ସମ୍ପୃକ୍ତ ଠିକାଦାର ଲୋକ ମାନଙ୍କର ଯାତାୟାତ ପାଇଁ ଖୁବ ଶୀଘ୍ର ତାଙ୍କର ନିଜ ଅର୍ଥ ରେ କାଠ ପୋଲ ସାଙ୍ଗକୁ ସଂଯୁକ୍ତ ରାସ୍ତା ନିର୍ମାଣ କରି ଥିବାରୁ ଠିକାଦାରଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ମାନହାନି ମାମଲାରେ କୋର୍ଟରେ ହାଜିର ହେଲେ କଙ୍ଗନା

ମୁମ୍ବାଇ,୨୦/୦୯ (ନି.ପ୍ର): ଗୀତିକାର ଜାଭେଦ ଅଖତର ମାନହାନି ମାମଲାରେ ମୁମ୍ବାଇର ଅନ୍ଧେରୀ ମାଜିଷ୍ଟ୍ରେଟ୍ କୋର୍ଟରେ ସୋମବାର ଦିନ ହାଜିର ହୋଇ ଅଭିନେତ୍ରୀ କଙ୍ଗନା ରାଣାୱ୍ତ ଜାଭେଦ ଅଖତରଙ୍କ ଉପରେ ଜୋର ଜବରଦସ୍ତି ଆଦାୟ ଏବଂ ଧମକ ଦେବାର ଅଭିଯୋଗ କରିଛନ୍ତି । ଏହି ଆରୋପକୁ ନେଇ କଙ୍ଗନା ଜାଭେଦ ଅଖତର ବିରୁଦ୍ଧରେ ଅଭିଯୋଗ ମଧ ରୁଜୁ କରିଥିଲେ। ତା' ସହିତ କଙ୍ଗନା ଅନ୍ଧେରୀ ମାଜିଷ୍ଟ୍ରେଟ ଉପରେ ଅବିଶ୍ୱାସ କରି ମାମଲାର ଶୁଣାଣୀ ନୂଆ ଜଜ୍‌ଙ୍କ ପାଖରେ କରିବାର ଦାବି କରିଛନ୍ତି। ମାଜିଷ୍ଟ୍ରେଟ କୋର୍ଟ ଜାଭେଦ ଅଖତର ମାନହାନି ମାମଲାର ଶୁଣାଣୀ ୧୫ ନଭେମ୍ବରରେ କରିବାର ଆଦେଶ ଦେଇଛନ୍ତି। ତେବେ କଙ୍ଗନା ରାଣାୱ୍ତଙ୍କ ନୂଆ ଅଭିଯୋଗ ଉପରେ ୧ ଅକ୍ଟୋବରରୁ ଶୁଣାଣୀ ହେବ। କଙ୍ଗନାଙ୍କ ଓକିଲ ରିଜୱାନ ସିଦ୍ଦିକ କୋର୍ଟରେ କହିଛନ୍ତି ଯେ ଯେତେବେଳେ ଜାଭେଦ ଅଖତର କଙ୍ଗନା ଏବଂ ରିତିକ ରୋଶନ ମାମଲାରେ କାହିଁକି ପଡ଼ିଛନ୍ତି। ଏହି ମାମଲାରେ ଜାଭେଦ କଙ୍ଗନାଙ୍କୁ ଡକାଇ ତାଙ୍କୁ ଧମକ ଦେଇଥିଲେ। ଏହି ମାମଲାରେ ଜାଭେଦ କଙ୍ଗନାଙ୍କୁ ଡକାଇ ତାଙ୍କୁ ଧମକ ଦେଇଥିଲେ। ସେଠାରେ ଗତ ଶୁଣାଣୀରେ ଅନ୍ଧେରୀ ମାଜିଷ୍ଟ୍ରେଟ କଙ୍ଗନାଙ୍କୁ ସୋମବାର(୨୦ ସେପ୍ଟେମ୍ବର) ଦିନ ଉପସ୍ଥିତ ନରହିବାକୁ ୱାରେଂଟ ଜାରି କରିବାର ଚେତାବନୀ ଦେଇଥିଲେ।

# ଅଧିକାରୀମାନେ ଦୁଇଦିନ ଧରି ଲୋକଙ୍କ ସମସ୍ୟାର ସମାଧାନ କରିବେ : ଚରଣଜିତ ଚନି

ଚଣ୍ଡିଗଡ,୨୦/୦୯ (ନି.ପ୍ର): ପଂଜାବର ନୂତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନି କହିଛନ୍ତି ଯେ, ଦଳ ସର୍ବୋଚ୍ଚ, ମୁଖ୍ୟମନ୍ତ୍ରୀ କିମ୍ବା କ୍ୟାବିନେଟ ନୁହେଁ । ଯେ କୌଣସି କଷ୍ଟରେ ପାର୍ଟି ଆଦର୍ଶ କାର୍ଯ୍ୟକାରୀ ହେବ । କଂଗ୍ରେସ କର୍ମୀଙ୍କୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଶ୍ରମିକଙ୍କ କଥା ଶୁଣିବା ପରେ ହିଁ ସରକାର ଗଠନ ହେବ । ମୁଖ୍ୟମନ୍ତ୍ରୀ ଚନିଙ୍କ ସହ ରାଜ୍ୟ ସଭାପତି ନବଜୋତ ସିଂ ସିଧୁ, ମନ୍ତ୍ରୀପଦ ଭାବରେ ଶପଥ ନେବାକୁ ଥିବା ସୁଖଜିନ୍ଦର ସିଂ ରାନ୍ଧୱା, ଓପି ସୋନି ଏବଂ ଅନ୍ୟାନ୍ୟ ବିଧାୟକ ମାନେ ଉପସ୍ଥିତ ଥିଲେ। ତହସିଲରେ ହୋଇଥିବା ଦୁର୍ନୀତିକୁ ନେଇ ନୂତନ ମୁଖ୍ୟମନ୍ତ୍ରୀ ଚାନି ମଧ୍ୟ ଗୁରୁତର ଉଦ୍‌ବେଗ ପ୍ରକାଶ କରିଛନ୍ତି । କହିଥିଲେ ଯେ, ସେମାନେ ନିଜ କାରରେ ବିଛଣା ନେଇ ଯାଆନ୍ତି । ସେ କହିଛନ୍ତି ଯେ ଲୋକମାନଙ୍କୁ ଭେଟିବା ପାଇଁ ସଚିବ ଏବଂ ଡେପୁଟି କମିଶନରଙ୍କୁ ମଧ୍ୟ ନିର୍ଦ୍ଦେ। ଦିଆଯାଉଛି ଏବଂ ଲୋକଙ୍କୁ ଭେଟିବା ପାଇଁ ଦୁଇ ଦିନ ସ୍ଥିତର କରାଯିବା ଉଚିତ୍ । ନଚେତ୍ ଲୋକମାନେ ଅଫିସ୍ ବାହାରେ ଠିଆ ହୁଅନ୍ତି ଏବଂ ଅଧିକାରୀମାନେ ଅଫିସ୍ ଭିତରେ ଚା ପିଉଛନ୍ତି । ସେ କହିଛନ୍ତି ଯେ, ଘରକୁ ଘର ଯାଇ ଲୋକଙ୍କୁ ଭେଟିବେ । ସେ କହିଛନ୍ତି ଯେ, ତାଙ୍କ ପରିବାରରେ ଅଧିକାଂଶ କର୍ମଚାରୀ ରହିଛନ୍ତି । ସେ ଆନ୍ଦୋଳନ କରୁଥିବା ଶ୍ରମିକ ମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେମାନଙ୍କର ପ୍ରତ୍ୟେକ ସମସ୍ୟାର ସମାଧାନ ହେବ । କର୍ମଚାରୀମାନେ ସେମାନଙ୍କୁ କିଛି ସମୟ ଦେବା ଉଚିତ୍ ଏବଂ ଆନ୍ଦୋଳନ ଛାଡ଼ି ଅଫିସରେ କାମ କରିବାକୁ ଯିବା ଉଚିତ୍ ।

## 'ହୋ' ଲିପିର ସ୍ରଷ୍ଟା ପଣ୍ଡିତ ଲାକୋ ବଦ୍ରାଙ୍କ ଜୟନ୍ତୀ ପାଳିତ

ନୀଳଗିରି,୨୦/୦୯ (ନି.ପ୍ର): ନୀଳଗିରି ବ୍ଲକ ର ଗରଡିହି ପଞ୍ଚାୟତର ଚନ୍ଦ୍ରପୁର ଠାରେ 'ହୋ' ଲିପିର ସ୍ରଷ୍ଟା ପଣ୍ଡିତ ଲାକୋ ବଦ୍ରା ଙ୍କ ୧୦୨ତମ ଜନ୍ମ ଜୟନ୍ତି ପାଳିତ ହୋଇଯାଇଛି । ଉପସ୍ଥିତ ଅତିଥିମାନେ ପ୍ରଥମେ ପଣ୍ଡିତ ଲାକୋ ବଦ୍ରା ଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଉତ୍ସବକୁ ବାଲେଶ୍ୱର ଜିଲ୍ଲା 'ହୋ' ଭାଷାର ସାଧାରଣ ସମ୍ପାଦକ ବସନ୍ତ କୁମାର ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗରଡିହି ପଞ୍ଚାୟତର ସମିତି ସଭ୍ୟ ଭାଗିରଥି ସିଂ, ସମ୍ମାନିତ ଅତିଥି ରାମଚନ୍ଦ୍ର ସିଂ, ଦିଲ୍ଲୀପ ସିଂ, ସୁରେନ୍ଦ୍ର ସିଂ, ରଥ ସିଂ ଯୋଗ ଦେଇ 'ହୋ' ଲିପିର ପ୍ରଚାର ପ୍ରସାର ବାବଦରେ ଉପସ୍ଥିତ ଜନତାଙ୍କୁ ବୁଝାଇବା ସହିତ ପଣ୍ଡିତ ଲାକୋ ବଦ୍ରାଙ୍କର ହୋ ଭାଷାର ଅବଦାନ ବାବଦରେ ସମ୍ୟକ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଦସ୍ୟ ସଂଜୟ ସିଂ, ରବିନ୍ଦ୍ର ସିଂ, ରାଜେଶ ସିଂ, ସୁକଦେବ ସିଂ, ରତିକାନ୍ତ ସିଂ, ରଂଜନ ସିଂ ସହଯୋଗ କରିଥିଲେ । ଶେଷର ଶିବଶଙ୍କର ମୁଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ଜିଲ୍ଲା ଟେନିକଏଟ ଆସୋସିଏସନର ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ



ଭଦ୍ରକ,୨୦/୦୯ (ନି.ପ୍ର): ଭଦ୍ରକ କଚେରୀ ବଜାରସ୍ଥିତ ଯଶୋଦା ହୋଟେଲ ସଭାଗୃହରେ ଭଦ୍ରକ ଜିଲ୍ଲା ଟେନିକଏଟ ଆସୋସିଏସନର ପ୍ରଥମ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ଟେନିକଏଟ ଆସୋସିଏସନର ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ସିଂହଙ୍କ ଉପସ୍ଥିତିରେ ଚୟନ ହୋଇଥିବା କର୍ମକର୍ତ୍ତା ଙ୍କ ଉପରେ ମୋହର ଲାଗିଛି। ବୈଠକର ଆରମ୍ଭରେ ଏହି ସଂଘର ସୃଷ୍ଟି କର୍ତ୍ତା ସ୍ୱର୍ଗତ ମହେନ୍ଦ୍ର ନାଥ ମହାରଣାଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ୨୦୦୦ମସିହାରୁ ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇଥିବା ଏ ସଂଘ ଦୀର୍ଘ ଦିନ ହେଲା କୌଣସି କାର୍ଯ୍ୟକ୍ରମ କରୁନଥିଲା। ପୁରାତନ ଖେଳାଳି ଓ ପୁରାତନ କର୍ମକର୍ତ୍ତା ମାନଙ୍କୁ ନେଇ ଆଉଥରେ ଏହାର ନବୀକରଣ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଗୋଲକ ନାୟକ ସଭାପତି ଭାବେ ମନୋନୀତ ହୋଇଥିଲେ। ମନୋଜ କୁମାର ସାହୁ ସାଧାରଣ ସମ୍ପାଦକ,ଚନ୍ଦନ କୁମାର ଦେ କୋଷାଧକ୍ଷ ଭାବେ ମନୋନୀତ ହୋଇଥିବା ବେଳେ ଜ୍ଞାନ ରଞ୍ଜନ ମହାନ୍ତି କାର୍ଯ୍ୟକାରୀ ସଭାପତି ଓ ମନୋରଞ୍ଜନ ଦାସ ଉପସଭାପତି ଭାବେ ମନୋନୀତ ହୋଇଥିଲେ। ସୁବାସ ଦୀକ୍ଷିତ, ଭବେଶ ଦାସ ଓ ସୁମନ କୁମାର ପଣ୍ଡା ମଧ ଉପସଭାପତି ଭାବେ ମନୋନୀତ ହୋଇଥିଲେ। ରାଜ ତିଳକ ସ୍ୱାଇଁ ସଂଗଠନ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ସାନ୍ଧ୍ୟରାଣୀ ପାଣିଗ୍ରାହୀ,ଅମର୍ତିତା ବିଶ୍ୱାଳ, ସୁନିତା ଧଳ ଓ ମୋନାଲିସା ରାଉତ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଆଗାମୀ ନଭେମ୍ବର ମାସରେ ଭଦ୍ରକରେ ରାଜ୍ୟ ଟେନିକଏଟ ଚାମ୍ପିଅନସିପ ପାଇଁ ଓ ଓଡିଶା ଦଳ ଚୟନ ପାଇଁ ଭଦ୍ରକ ଜିଲ୍ଲା ତରଫରୁ ସଭାପତି ନାୟକ ରାଜ୍ୟ ସମ୍ପାଦକ ଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ।

# ପଶ୍ଚିମବଙ୍ଗରେ ଅଜଣା ଜ୍ୱରର ପ୍ରକୋପ, ଛଅ ଦିନରେ ଆଠ ଶିଶୁଙ୍କ ମୃତ୍ୟୁ

ମାଲଦହ,୨୦/୦୯ (ନି.ପ୍ର): କରୋନାର ତୃତୀୟ ଲହରର ଆଶଙ୍କା ମଧ୍ୟରେ ପଶ୍ଚିମବଙ୍ଗରେ ଅଜଣା ଜ୍ୱରର ପ୍ରକୋପ ବଢ଼ି ବଢ଼ି ଯାଉଛି। ସୋମବାର ଦିନ ମାଲଦା ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଅଜଣା ଜ୍ୱର କାରଣରୁ ଆଉଜଣେ ଶିଶୁର ମୃତ୍ୟୁ ହୋଇଛି। ରାଜ୍ୟରେ ଏବେ ପର୍ଯ୍ୟନ୍ତ ଅଜଣା ଜ୍ୱରରେ ୧୧ଶହରୁ ଅଧିକ ଶିଶୁ ଅସୁସ୍ଥ ହୋଇସାରିଛନ୍ତି ଏବଂ ଛଅ ଦିନରେ ଆଠଜଣଙ୍କର ମୃତ୍ୟୁ ହୋଇସାରିଛି। ସୂଚନା ଅନୁସାରେ ଜ୍ୱର ଏବଂ ନିଶ୍ୱାସ ନେବାରେ ଅସୁବିଧା ହେବାରୁ ମାଲଦା ଜିଲ୍ଲାର ବୈଷ୍ଣବ ନଗରରେ ମାତ୍ର ୩୬ ଦିନର ଶିଶୁକୁ ମାଲଦା ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ରବିବାର ଦିନ ଭର୍ତି କରାଯାଇଥିଲା କିନ୍ତୁ ସୋମବାର ଦିନ ତା'ର ମୃତ୍ୟୁ ହୋଇଯାଇଛି। ଅଜ୍ଞାତ ଜ୍ୱର କାରଣରୁ ଏହା ଅଷ୍ଟମ ମୃତ୍ୟୁ। ଏହା ପୂର୍ବରୁ ମାନିକଚକ ଗାଁରେ ରହୁଥିବା ଶିଶୁ ଆଶିୟା ଖାତୁନର ଅଜଣା ଜ୍ୱର ଏବଂ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା କାରଣରୁ ଏକ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ସମୟରେ ରବିବାର ମୃତ୍ୟୁ ହୋଇଛି। ଉଲ୍ଲେଖନୀୟ ଯେ ଅଜଣା ଜ୍ୱରର ପ୍ରକୋପ ମାଲଦା ବ୍ୟତୀତ ଜଳପାଇଗୁଡ଼ି ଏବଂ ଅଲୀପୁରଦ୍ୱାରରେ ମଧ ବ୍ୟାପିଛି। ଏହା ବ୍ୟତୀତ ମୁର୍ଶିଦାବାଦ, ପୁରୁଲିୟା ଏବଂ ମେଦିନୀପୁରରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଏବେପର୍ଯ୍ୟନ୍ତ ଏହି ଅଜଣା ଜ୍ୱରରେ ଶିଶୁମାନଙ୍କ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ବିଭାଗ କୌଣସି ସ୍ପଷ୍ଟ କାରଣ ମଧ ଦିଆଯାଇ ନାହିଁ।

# ଗୋବରୀ କୂଳବାସୀ ଭୟରେ ରହୁ ନାହାଁନ୍ତି ଘରେ

କେନ୍ଦ୍ରାପଡ଼ା,୨୦/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବୀଭିନ୍ନ ଗ୍ରାମରେ ବର୍ଷାଜଳ ଭର୍ତି ହୋଇ ରହିଛି । ଏଥି ସହିତ ଗୋବରୀ ନଦୀ ଜଳ ବଢୁଥିବାରୁ କୂଳବାସୀ ମାନେ ଆତଙ୍କିତ ଅବସ୍ଥାରେ ଥିବାବେଳେ ସେମାନଙ୍କ ଘର ଚାରିପଢେ ଗୋବରୀ ଜଳ ୩-୪ ଫୁଟ ଉଚ୍ଚରେ ପ୍ରବାହିତ ହେଉଛି । ଜଳ ନିଷ୍କାସନର କୌଣସି ବାଟ ନଥିବାରୁ ଏବଂ ଗୋବରୀ ଜଳ ବହୁଧିନ ଧରି ରହୁଥିବାରୁ ଘର ଚପିଯିବା ଏବଂ ପଡିଯିବା ଭୟରେ ଅନେକ ଘର ମାଲିକ ନିଜ ଘର ଛାଡି ବାହାରେ ଆଶ୍ରୟ ନେଇଛନ୍ତି । ଗୋବରୀ କୂଳରେ ରହୁଥିବା ଅନେକ ଚାଳିଆ ଘର ଓ ଦସ୍ତା ଆଜବେଷ୍ଟ ଘର ଭୁଷୁଡି ପଡିଛି । ଏହି ଭୟରେ ପାଣିଘେରରେ ଥିବା କୋଠାଗର ବାଲା ମଧ ଘରଛାଡି ବାହାରେ ଆଶ୍ରୟ ନେଇଥିବା ଜଣାପଡିଛି ।

# ଗୋଟିଏ ଦିନରେ ୫୧୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୦/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୧୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୦୭୫୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୭ ହଜାର ୦୬୬ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୪୯୪ ରହିଛି । ଆଜି ଚିହ୍ନଟ ହୋଇଥିବା ୫୧୦ ଜଣଙ୍କ ମଧ୍ୟରୁ ୨୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୧୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୯୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୯ ଜଣ ଓ ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୭୮ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୭ ଜଣ ଓ ଗଂଜାମ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୨ ଜଣ, ଯାଜପୁରରୁ ୨୨ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ ଓ କନ୍ଧମାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୭ ଜଣ, କେନ୍ଦୁଝରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୯୭ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ , ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ପୁରୀରୁ ୨୦ ଜଣ, ରାୟଗଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୯, ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୩ ଜଣ ଓ ଷ୍ଟେଟ୍ ପୁଲରୁ ୪୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ନବୀନ ସରକାର ଅନୁସୂଚୀତ ଜାତି ଓ ଜନଜାତି ବିରୋଧି : କଂଗ୍ରେସ

ଭୁବନେଶ୍ୱର,୨୦/୦୯ (ନି.ପ୍ର): ଓଡ଼ିଶା ଜନସଂଖ୍ୟାର ୪୦ ଭାଗ ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତି ଲୋକ। ଏହି ୪୦ ଭାଗ ଲୋକଙ୍କର ସାମଗ୍ରିକ ବିକାଶ ପାଇଁ ଗଦା ଗଦା ଯୋଜନା ହେଉଛି, କିନ୍ତୁ ଏମାନଙ୍କର ବିକାଶ ହୋଇପାରୁ ନାହିଁ। ଯୋଜନାର ଅର୍ଥ ବାଟମାରଣା ହେଉଛି। ଦାୟୀତ୍ୱରେ ରହୁଥିବା ବାବୁ ମାନେ ମାଲେ ମାଲ ହୋଇ କେବଳ ଫଟୋ ଉଠାଇ, କାଗଜ ସର୍କୁଲାରରେ ପ୍ରଚାର ସର୍ବସ୍ୱ ବିକାଶ କରିଚାଲିଛନ୍ତି। ଅନ୍ୟ ପକ୍ଷରେ ଅନୁସୂଚୀତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ରହିଥିବା ସରକାରୀ ଯୋଜନା ଓ ଆଇନ ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ସମୀକ୍ଷା କରି ପ୍ରତିକାରାତ୍ମକ ପଦକ୍ଷେପ ପାଇଁ ରହିଥିବା ଟି.ଏ.ସି, ଅନୁସୂଚୀତ ଜାତି କଲ୍ୟାଣ ବୋର୍ଡ ଓ ଭିଜିଲାନ୍ସ ମନିଟରିଂ କମିଟି ଗୁଡ଼ିକୁ ଏ ସରକାର ଦୀର୍ଘ ବର୍ଷ ହେବ ଗଠନ କରୁନାହାଁନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ବିଭାଗର ଆବାହକ ସତ୍ୟପ୍ରକାଶ ନାୟକ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ଅନୁସୂଚୀତ ଜାତି ଓ ଜନଜାତି ସଂଗଠକ ହଳଧର ସେଠୀ କହିଛନ୍ତି ଯେ ସଂବିଧାନର ୫ମ ସିଡ୍ୟୁଲ ଅନୁଯାୟୀ ଧାରା ୨୪୪ (୧) ରେ ନିର୍ଦ୍ଦେଶ ସତ୍ୱେ ଆଦିବାସୀ ଉପଦେଷ୍ଟା ପରିଷଦ (ପ୍ରତିବର୍ଷ ଗଠନ ହେବା କଥା), ଉପଦେଷ୍ଟା ବୋର୍ଡ ରୁଲ ୧୯୫୭ (୪) ମୁତାବକ- ଅନୁସୂଚୀତ ଜାତି ଉପଦେଷ୍ଟା ବୋର୍ଡ (ଗତ ୨୦୧୪ ରୁ ଗଠନ ହୋଇନି), ଅନୁସୂଚୀତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ନିୟମ ୧୯୯୫ (୧୬) ଅନୁଯାୟୀ ଉଚ୍ଚସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟିର ବୈଠକ ୨୦୧୪ ମସିହାରୁ ହୋଇନାହିଁ। ସେହିପରି ଜଙ୍ଗଲ ଅଧିକାର ଆଇନ କମିଟି ଏବଂ ଟ୍ରାଇବାଲ ସବ ପ୍ଲାନ ଓ ଅନୁସୂଚିତ ଜାତି କମ୍ପୋନେଟ ପ୍ଲାନର ମନିଟରିଂ କମିଟି ଗୁଡ଼ିକ ମଧ ଓଡ଼ିଶା ସରକାରରେ କାର୍ଯ୍ୟ କରୁନାହିଁ । ନିଜେ ମୁଖ୍ୟମନ୍ତ୍ରୀ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ଜଣେ ରାଜ୍ୟ ପାହ୍ୟା ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇ ସଂବିଧାନର ଧାରା ୧୬୪ (କ) ର ଉଲଂଘନ କରିଛନ୍ତି।

# 'ଶିଶୁମାନଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

## ଆଶୀର୍ବାଦ ଯୋଜନାରେ ସାମିଲ ହେଲେ ୫୫୦ ଶିଶୁ



ବାଲେଶ୍ୱର,୨୦/୦୯ (ନି.ପ୍ର): ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପିତୃମାତୃହୀନ ପିଲାଙ୍କ ଉଦ୍ଦେଶ୍ୟରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ "ଶିଶୁମାନଙ୍କ ପାଇଁ ଦିନଟିଏ" ସ୍ଥାନୀୟ ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଲସେନ ଜଗଦ୍ଦେବଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇ ଶିଶୁମାନଙ୍କ ଅଧିକାର ଏବଂ ତାହାର ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଜିଲାର କୌଣସି ପିଲା ଅଧିକାରରୁ ବଞ୍ଚିତ ନ ହୋଇ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବେ, ସେ ଦିଗରେ ସମସ୍ତ ସରକାରୀ ଅଧିକାରୀ ଧ୍ୟାନ ଦେବା ଉଚିତ ବୋଲି ଜିଲାପାଳ କହିଥିଲେ । ଏଥି ସହିତ ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା ଏବଂ ବାଲ୍ୟ ବିବାହ ଉପରେ ଅଙ୍କୁଶ କଡ଼ାକଡ଼ି କରିବା, ନିୟମିତ ବ୍ୟବଧାନରେ ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସ ବୈଠକ ଆୟୋଜନ ସହ 'ଶିଶୁମାନଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଶୀର୍ବାଦ ଯୋଜନା ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ଶିଶୁମାନଙ୍କୁ ଆର୍ଥିକ ସହାୟତା ସହ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଆଶୀର୍ବାଦ ଯୋଜନାରେ ୪୨୬ଜଣ ଶିଶୁଙ୍କୁ ସାମିଲ ନିମନ୍ତେ ଜିଲା ଚୟନ କମିଟି ସ୍ୱୀକୃତି ପ୍ରଦାନ କରିଥିଲେ । ଅଦ୍ୟାବଧି ଜିଲାରେ ୫୫୦ଜଣ ଶିଶୁଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ ମହାମାରୀ ସମୟରେ ଉଭୟ ମାଆ ଓ ବାପା କିମ୍ବା କେବଳ ବାପାଙ୍କୁ ହରାଇଥିବା ଶିଶୁଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ସମେତ ଆନୁସଙ୍ଗିକ ସମସ୍ତ ସୁବିଧା ପ୍ରଦାନକୁ ଗୁରୁତ୍ୱ ଦିଆଯିବ। ଏହି ସମସ୍ତ କାର୍ଯ୍ୟ ଯେପରି ସୂଚାରୁ ରୂପେ ସମ୍ପାଦନ ହେବ, ତାହାର ତଦାରଖ ଦାୟତ୍ୱ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବେ ଜିଲାର ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ "ଶିଶୁମାନଙ୍କ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ଏଣିକି ଏଟିଭିଏମ ସ୍ମାର୍ଟ କାର୍ଡର ଅନଲାଇନ୍ ରିଚାର୍ଜ

ଭୁବନେଶ୍ୱର,୨୦/୦୯ (ନି.ପ୍ର): ଏଟିଭିଏମ ସ୍ମାର୍ଟ କାର୍ଡ ଉପଯୋଗ କରୁଥିବା ଯାତ୍ରୀ ମାନେ ଏଣିକି ରିଚାର୍ଜ ପାଇଁ ଷ୍ଟେସନ ବୁକିଂ କାଉଣ୍ଟର ନଯାଇ ସେମାନଙ୍କର ମୋବାଇଲ ଫୋନ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ୟୁଟିଏସ ଅନ ମୋବାଇଲ ୱେବସାଇଟ/ଆପ ଦ୍ୱାରା ଅନ ଲାଇନରେ ସେମାନଙ୍କର ଏଟିଭିଏମ ସ୍ମାର୍ଟ କାର୍ଡକୁ ରିଚାର୍ଜ କରିପାରିବେ । ଯାତ୍ରୀମାନେ ଏଟିଭିଏମ ସ୍ମାର୍ଟ କାର୍ଡର ରିଚାର୍ଜ ପାଇଁ ସମସ୍ତ ଡିଜିଟାଲ୍ ଦେୟ ମାଧ୍ୟମ ବ୍ୟବହାର କରିପାରିବେ । ଏଥିପାଇଁ ଯାତ୍ରୀମାନେ **www.utsonmobile.indianrail.gov.in** ସାଇଟ୍‌କୁ ଯାଇ ୟୁଟିଏସ ଅନ ମୋବାଇଲ ୱେବସାଇଟ/ଆପ ରେ ପଞ୍ଜିକରଣ କରିବାକୁ ପଡିବ । ଯଦି, ଯାତ୍ରୀ ମୋବାଇଲ୍ ଟିକେଟ୍ ପାଇଁ ପଞ୍ଜୀକୃତ ହୋଇସାରିଛନ୍ତି, ତାହେଲେ ସେମାନଙ୍କର ଆକାଉଂଟ୍ ବ୍ୟବହାର କରାଯାଇପାରିବ । ସଫଳ ଲଗଇନ୍ ପରେ ଯାତ୍ରୀଙ୍କୁ ମେନୁ ବିକଳ୍ପ "ସ୍ମାର୍ଟ କାର୍ଡ ରିଚାର୍ଜ" ଚୟନ କରିବାକୁ ପଡିବ ଏବଂ କାର୍ଡରେ ମୁଦ୍ରିତ ଏଟିଭିଏମ ସ୍ମାର୍ଟ କାର୍ଡ ଷ୍ଟକ୍ ନମ୍ବର ଦର୍ଶାଇବାକୁ ପଡିବ । ତା'ପରେ ଯାତ୍ରୀଙ୍କୁ ବୈଧ ରିଚାର୍ଜ ପରିମାଣ ପ୍ରବେଶ କରିବାକୁ ପଡିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏଟିଭିଏମ ରେ ଟପ୍ ଅପ୍ ସମ୍ପୂର୍ଣ୍ଣ କରିବାକୁ ରାଜି ହେବାକୁ ପଡିବ ।

# ଆନ୍ତର୍ଜାତିକ ପୋଷକ ଶସ୍ୟ ବର୍ଷ ପାଳିତ



ବାରିପଦା,୨୦/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶୟାମାଖୁଂଟା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆନ୍ତର୍ଜାତିକ ପୋଷକ ଶସ୍ୟ ବର୍ଷ ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର ଓ ଇଫକୋର ମିଳିତ ଆନୁକୁଲ୍ୟରେ ପୋଷଣ ବାଟିକା ଓ ବୃକ୍ଷରୋପଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ରବିନ୍ଦ୍ର କୁମାର ଖଟୁଆ, ମୃତିକା ରସାୟନ ବିତ ଡ. ମନୋଜ କୁମାର ଚାନ୍ଦ, ଶ୍ୟାମାଖୁଂଟା ବ୍ଲକର ସହକାରୀ କୃଷି ଅଧିକାରୀ ଜୟକୃଷ୍ଣ ନାଏକ, ଧନପୁର ଲାଲମୋହନ ପତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଇଫକୋର କ୍ଷେତ୍ର ବିଶେଷଜ୍ଞ ଶୁଭଜିତ ସାହୁ, ପ୍ରମୁଖ ଯୋଗଦେଇ ଲଘୁ ଶସ୍ୟର ଚାହିଦା ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲାରେ ମିଲେଟ ମିଶନ କାର୍ଯ୍ୟକ୍ରମ ଜରିଆରେ ଲଘୁ ଶସ୍ୟର ପ୍ରଚାର ପ୍ରସାର କରାଯିବା ସହିତ ମାଣ୍ଡିଆ ଚାଷ ଓ ମାଣ୍ଡିଆରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଧନପୁର ଲାଲମୋହନ ପତି ବିଦ୍ୟାଳୟର ୮୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା, ଏବଂ ଉନ୍ନତ ଚାଷୀ ମାନଙ୍କୁ ପନିପରିବା ମଂଜି ଓ ଚାରା ବଂଟନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ପାଣିପାଗ ବିଶେଷଜ୍ଞ ଜ୍ୟୋତି ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବାପା ଓ ଶିଶୁକନ୍ୟାକୁ ହାଣିବା ଅଭିଯୋଗରେ ଅଭିଯୁକ୍ତ ଦଣ୍ଡିତ

ନୀଳଗିରି,୨୦/୦୯ (ନି.ପ୍ର): ତିନି ମାସର ଶିଶୁକନ୍ୟା ଓ ତାର ବାପାକୁ ହାଣି ବିକଳାଙ୍ଗ କରିବା ଅଭିଯୋଗରେ ଅଭିଯୁକ୍ତକୁ ଆଜି ମାନ୍ୟବର ସହକାରୀ ଦୌରାଜଜ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ୩ମାସ ଅଧିକ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଯୋଗ୍ୟ ୨୦୨୦ ମସିହା ଅଗଷ୍ଟ ମାସ ୧୧ତାରିଖରେ ଔପଦା ଥାନା ଅଧିନସ୍ଥ ପାଇକପଡ଼ା ଗ୍ରାମରେ ବାଇଧର ନାଇକଙ୍କ ପୁଅ ଗଣେଶ (୨୫) ତାଙ୍କ ଘରେ ନିଜ ଭାଇ ଭରତଙ୍କ ସହ ଗଣ୍ଡଗୋଳ ଲାଗିଥିଲେ। ସେହି ଗ୍ରାମର ପଙ୍କଜ ନାଇକଙ୍କ ଘରେ ଭରତଙ୍କୁ ଆଶ୍ରୟ ଦେବାରୁ ଗଣେଶ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ପଙ୍କଜକୁ ଆକ୍ରମଣ କରିଥିଲେ । ଫଳରେ ପଙ୍କଜ କୋଳରେ ଥିବା ୩ମାସର ଶିଶୁ କନ୍ୟା ହାତରେ ଧାରୁଆ ଅସ୍ତ୍ରଟି ବାଜିବାରୁ ଦେହରୁ ହାତଟି ଅଲଗା ହୋଇଯାଇଥିଲା । ଏପରିକି ପଙ୍କଜଙ୍କ ଡାହାଣ ହାତରେ ମଧ ଗଭୀର କ୍ଷତ ଲାଗିଥିଲା । କୁନି ଝିଅଟି କଟକ ବଡ଼ ଡାକ୍ତରଖାନାରେ ହାତଟି ଯୋଡ଼ା ଯାଇଥିଲେ ମଧ ଡାକ୍ତର ଙ୍କ ଶତ ଚେଷ୍ଟା ପରେ ମଧ ବିଫଳ ହେବାରୁ ସବୁଦିନ ପାଇଁ ସେ ବିକଳାଙ୍ଗ ହୋଇଛନ୍ତି । ପଙ୍କଜ ଭାଇର ଏତଲା ମୂଳେ ଔପଦା ଥାନାରେ ୬୭ନଂ. ମାମଲା ରୁଜୁ କରାଯାଇ ଗଣେଶକୁ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା। ଉକ୍ତ ମାମଲାରେ ୧୧ଜଣ ସାକ୍ଷୀ ଓ ସମସ୍ତ କାଗଜପତ୍ରକୁ ଆଧାର କରି ମାନ୍ୟବର ସହକାରୀ ଦୌରାଜଜ ମଧୁସ୍ମିତା ଜେନା ମୁଦାଲାଙ୍କୁ ୩୨୬ ଓ ୪୫୮ ଦଫାରେ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ୩ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଉକ୍ତ ମୋକଦ୍ଦମାକୁ ଆଡ଼ିସନାଲ ପି.ପି. ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ । ପୀଡ଼ିତାମାନଙ୍କୁ ଅନୁକମ୍ପାମୂଳକ କ୍ଷତିପୂରଣ ପାଇଁ ସୁପାରିଶ କରିଛନ୍ତି ।

## ଭାଦ୍ରବ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

ପୁରୀ,୨୦/୦୯ (ନି.ପ୍ର): ପବିତ୍ର ଭାଦ୍ରବ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ସଂପନ୍ନ ହୋଇଛି । ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଦୋଳଗୋବିନ୍ଦ ଠାକୁର ପାଲିଙ୍କିରେ ଶ୍ରୀମନ୍ଦିରରୁ ବାହାରି ବଡଛତା ମଠ ନିକଟକୁ ଆସିଥିଲେ । ବିମାନବଡୁମାନେ ଘଣ୍ଟଛତା କାହାଳୀ ସହ ଠାକୁରଙ୍କୁ ପଟୁଆରରେ ଆଣିଥିଲେ । ସେଠାରେ ଶୀତଳ ଭୋଗ କରାଯାଇଥିଲା । ପରମ୍ପରା ଅନୁଯାୟୀ ହରଚଣ୍ଡୀ ସାହି ଆଖଡାରୁ ଇନ୍ଦ୍ର ହାତୀ ସିଂହଦ୍ୱାର ସମ୍ମୁଖକୁ ଆସିଥିଲା । କାଠ ଓ କନାରେ ପ୍ରସ୍ତୁତ କରାଯାଇଥିବା ଐରାବତ ହାତୀ ଉପରେ ଉପବେଶନ କରି ଇନ୍ଦ୍ର, ଚନ୍ଦ୍ର ସିଂହଦ୍ୱାର ସନ୍ନିକଟ ବଡଛତା ମଠ ନିକଟକୁ ଆସିଥିଲେ । ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ । ବନ୍ଦାପନା ପରେ ଦୋଳଗୋବିନ୍ଦ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୧୪୭ ପଜିଟିଭ୍

ଭୁବନେଶ୍ୱର,୨୦/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଦିନ ଆଉ ୧୪୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୪ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୨୩ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୦୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ ମାମଲା ମଧ୍ୟରୁ ଓଲ୍ଡଟାଉନ୍ ରୁ ସର୍ବାଧିକ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନିଳାଦ୍ରୀବିହାରରୁ ୮ ଜଣ, ନୟାପଲ୍ଲୀ ଓ ଚନ୍ଦ୍ରଶେଖରପୁରରୁ ୭ ଜଣ ଲେଖାଏଁ, ଖଣ୍ଡଗିରି ଓଭିଏସଏସ୍ ନଗରରୁ ୫ ଜଣ ଲେଖାଏଁ , ଡମଣା ଓ କଳିଙ୍ଗବିହାରରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

# ବିଦ୍ୟାଳୟରେ ଯୁବକ ସଂଘର ବେଆଇନ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ଫେରାଦ

ବାଲେଶ୍ୱର,୨୦/୦୯ (ନି.ପ୍ର): ଯୁବକ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଈଶାଣୀ ବିଦ୍ୟାଳୟରେ ବେଆଇନ କାର୍ଯ୍ୟ କରୁଥିବା ନେଇ ଜିଲାପାଳଙ୍କଠାରେ ସୋମାବାରେ ଗ୍ରାମବାସୀମାନେ ଫେରାଦ ହୋଇଛନ୍ତି। ବିଦ୍ୟାଳୟ ନିକଟରେ ଯୁବକ ସଂଘ ଘର ଥିବା ବେଳେ ସେମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ଡାକବାଜି ଯନ୍ତ୍ର ବଜାଇବା ଦ୍ୱାରା ସ୍ଥାନୀୟ ଅଂଚଳରେ ଶାନ୍ତି ଭଙ୍ଗ ହେଉଥିବା ଗ୍ରାମବାସୀମାନେ କହିଛନ୍ତି। ସେହିଭଳି ସ୍କୁଲ ପୋଖରୀରୁ ମାଛ ବିକ୍ରି କରିବା, ବିଦ୍ୟାଳୟ ହତାରୁ ବହୁ ମୂଲବାନ ଗଛକୁ କାଟି ବିକ୍ରି କରିବା ଓ ସ୍କୁଲ ପରିସରରୁ ମାଟି ଉତ୍ତୋଳନ ସହ ବିକ୍ରୟ କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଯୁବକମାନଙ୍କ ବେଆଇନ କାର୍ଯ୍ୟଧାରାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭୟରେ ଅଭିଯୋଗ କରୁ ନଥିବା ବେଳେ ଏହାର ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଶ୍ରୀକାନ୍ତ କୁମାର ଦାସ, ଶରତ ଚନ୍ଦ୍ର ବେହେରା, ଶୁକୁରା ସିଂ, ଅଜିତ କୁମାର ଦାସ, ଜୀବନ ନାୟକ, ସୀତା ମନ୍ତ୍ରୀ, ମୀନ ସିଂ, ମଞ୍ଜୁ ନାୟକ, ସଂଜୟ ଦାସ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡଃ ନିତ୍ୟାନନ୍ଦ ମିଶ୍ର ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ



ଭଦ୍ରକ,୨୦/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡଃ ନିତ୍ୟାନନ୍ଦ ମିଶ୍ର ଦାୟିତ୍ୱ ଗ୍ରହଣ କରିଅଛନ୍ତି। ଡଃ ମିଶ୍ର ଜଣେ ଛାତ୍ରବତ୍ସଳ, ବାଗ୍ମୀ, ସଂସ୍କୃତ ଭାଷା ସାହିତ୍ୟର ଯଶସ୍ୱୀ ଗବେଷକ ବିଦ୍ୱାନ ଅଧ୍ୟାପକ ଭାବେ ସମଗ୍ର ରାଜ୍ୟ ତଥା ରାଜ୍ୟ ବାହାରେ ସୁପରିଚିତ। ସଂସ୍କୃତ ଭାଷାରେ ତାଙ୍କର ଅନେକ ପୁସ୍ତକ ତଥା ପ୍ରତିଷ୍ଠିତ ପତ୍ର ପତ୍ରିକାରେ ପ୍ରବନ୍ଧମାନ ପ୍ରକାଶିତ। ପ୍ରାଚୀନ ଆୟୁର୍ବେଦ, ଆକ୍ୟୁପ୍ରେସର ଚିକିତ୍ସା ଶାସ୍ତ୍ରରେ ତାଙ୍କର ଗଭୀର ପ୍ରବେଶ ରହିଅଛି। ସଂସ୍କୃତ ଶାସ୍ତ୍ରରେ ତାଙ୍କର ଗଭୀର ପାଣ୍ଡିତ୍ୟ ହେତୁ ଲୋକଭାଷା ପ୍ରଚାର ସମିତି, ଆଇଆଇଟି ହାଇଦ୍ରାବାଦ୍, ସଂସ୍କୃତି ଭବନ ଭୁବନେଶ୍ୱର, ସରସ୍ୱତୀ ଗବେଷଣା ପ୍ରତିଷ୍ଠାନ ପ୍ରଭୃତି ଅନୁଷ୍ଠାନ ମାନଙ୍କ ଦ୍ୱାରା ସେ ସମ୍ମାନିତ ହୋଇଅଛନ୍ତି। ଆଜିର ଏକ ବର୍ଣ୍ଣାଢ୍ୟ ପରିବେଶରେ ରାଷ୍ଟ୍ରପତି ପୁରସ୍କୃତ ସଂସ୍କୃତ ବିଦ୍ୱାନ ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ପୂର୍ବତନ ଅଧ୍ୟକ୍ଷ ଡଃ କୃପାସିନ୍ଧୁ ନାୟକ, ଦାମୋଦର ସଂସ୍କୃତ ଜୁନିଅର ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ନାୟକ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଶୁକଦେବ ପଣ୍ଡା, ପ୍ରଶାନ୍ତ କୁମାର ଦାସ, ଅଧ୍ୟାପିକା ଗାୟତ୍ରୀ ମହାନ୍ତି, ମଧୁସୁଦନ ତ୍ରିପାଠୀ, ପ୍ରଧାନ ପଣ୍ଡିତ ନୃସିଂହ ଚରଣ ଶୁକ୍ଳ, ମଞ୍ଜୁଳତା ମହାପାତ୍ର, ଅକ୍ଷୟ କୁମାର ପାଣିଗ୍ରାହୀ, ରଘୁନାଥ ନାୟକ, ଗୌରାଙ୍ଗ ଚରଣ ଦାସ ଓ ସୁବାଷ ଚନ୍ଦ୍ର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଡଃ ମିଶ୍ର ଏହି ଗୁରୁଦାୟିତ୍ୱ ଗ୍ରହଣ କରିଅଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# ଘରେ ପଶି ସଂଘବଦ୍ଧ ଆକ୍ରମଣ ମାମଲା : ଦୁର୍ଦ୍ଧାନ୍ତ ଅପରାଧି ଜେଲ ଗଲେ

ବସ୍ତା,୨୦/୦୯ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଉଇଟିକିରି ଗ୍ରାମରେ ଗତ ଅଗଷ୍ଟ ୧ତାରିଖ ରାତିରେ ହୋଇଥିବା ପ୍ରଣାନ୍ତକ ଘଟଣାରେ ବସ୍ତା ପୋଲିସ ରବିବାର ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ପଣ୍ଡରୁଙ୍ଗୀ ଗ୍ରାମର କଙ୍କଡା ଓରଫ ଲକ୍ଷ୍ମୀଧର ରାଉଳ ଙ୍କୁ ଗିରଫ କରିଛି। ବାଇକ ରେ ଯିବା ବେଳେ ମଥାନୀ ପ୍ରଜେକ୍ଟ ଠାରେ ହର୍ନ ନ ମାରିବାକୁ କେନ୍ଦ୍ର କରି ୮ଟି ବାଇକରେ ୧୫ ରୁ ଅଧିକ ଯୁବକ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ସହିତ ଏହି ଗ୍ରାମ ର



ଧରଣୀ ଜେନାଙ୍କ ଘରେ ପଶି ପରିବାର ଲୋକଙ୍କୁ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ । ଗ୍ରାମବାସୀ ଏକଜୁଟ ହେବା ପରେ ଆକ୍ରମଣ କାରୀ ମକ୍ଷନେ ସେଠାରୁ ଚମ୍ପଟ ମାରିଥିଲେ। ହେଲେ ଗ୍ରାମବାସୀ ଅଭିଯୁକ୍ତ ପୋଡ଼କ୍ଷପଡ଼ା ଗାଁ ର ଜଗା ଦାସ ଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଧରଣୀଙ୍କ ସ୍ତ୍ରୀ ଯଶୋଦାଙ୍କ ସହିତ ଦୁଇପୁଅ ଶଶିକାନ୍ତ, ରତିକାନ୍ତ ଓ ଝିଅ ରଶ୍ମିତା ଆକ୍ରମଣ ରେ ଗୁରୁତର ଭାବେ ଆହତ ହୋଇଥିଲେ। ବସ୍ତା ପୋଲିସ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ବସ୍ତା ଡାକ୍ତରଖାନା ପଠାଇଥିଲେ । ଶଶିକାନ୍ତ ଙ୍କ ଅବସ୍ଥା ସଂକଟାପନ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ପଠାଯାଇଥିଲା । ଏ ନେଇ ପୋଲିସ ଏକ ମାମଲା ନଂ ୨୧୯/୨୧ ରୁଜୁ କରି ଅଭିଯୁକ୍ତ ଜଗା ଦାସ କୁ ଗିରଫ କରିଥିଲା । ମୁଖ୍ୟ ଅଭିଯୁକ୍ତ କଙ୍କଡା କଟିପୋଲ ନିକଟଏକ ଢ଼ାବା ରେ ଥିବା ଖବର ପାଇ ପୋଲିସ ସଦଳବଳେ ଚଢ଼ାଉ କରିଥିଲା । ଅଭିଯୁକ୍ତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ପଣ୍ଡିତ ଲାକୋ ବଦ୍ରାଙ୍କ ଜନ୍ମଜୟନ୍ତୀରେ ପ୍ରତିମୂର୍ତ୍ତି ଉନ୍ମୋଚନ

ବାରିପଦା,୨୦/୦୯ (ନି.ପ୍ର): ଆଦିବାସୀ ହୋ ସମ୍ପ୍ରଦାୟର ପଣ୍ଡିତ ଲାକୋ ବଦ୍ରାଙ୍କ ଜନ୍ମ ଦିବସରେ ଆଜି ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ବାରିପଦା ସହର ପାଲବଣି ବାୟପାସ ନିକଟରେ ନିର୍ମିତ ହୋଇଥିବା ହୋ ଜନଜାତିର ପାରମ୍ପାରିକ ମାତୃଭାଷା ଓରାଂଚିତି ର ଲିପିସ୍ରଷ୍ଟା ପଣ୍ଡିତ ଲାକୋବଦ୍ରାଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ଉନ୍ମଚନ କରିଛନ୍ତି ଓଡିଶା ବିଧାନସଭାର ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି । ଏହି ହୋ ସମ୍ପ୍ରଦାୟର ଲୋକମାନଙ୍କର ବହୁବାର ଦାବୀ ପରେ ଆଜି ତାଙ୍କର ଜନ୍ମ ଜୟନ୍ତି ଭଳି ଶୁଭମୁହୂର୍ତ୍ତରେ ତାଙ୍କର ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇ ଯାଇଛି । ତେବେ ମୟୂରଭଞ୍ଜ ଏକ ଆଦିବାସୀ ଅଧିସ୍ୟୁତ ଜିଲ୍ଲା ହୋଇଥିବାବେଳେ ଓଡିଶାର



ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କର ଜନ୍ମ ଦିବସ ଅବସରରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସମୟରେ ମୁଖ୍ୟ ଅତିଥିଙ୍କ ସହିତ ମୋରଡ଼ା ବିଧାୟକ ରାଜକିଶୋର ଦାଶ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା , ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡାଃ ଦେବାଶିଷ ମାରାଣ୍ଡି, ସମ୍ପା ମଜୁମଦାର, ବୀଣାପାଣି ସାହୁ, ଭାରତୀ ହାଃସଦା ପ୍ରମୁଖ ବହୁ ବିଜେଡିର ବିଧାୟକ ଓ ବିଭିନ୍ନ ୱାର୍ଡ଼ର ପୂର୍ବତନ କାଉନସିଲର ମାନଙ୍କ ସହିତ ହୋ ସମାଜର କର୍ମକର୍ତା ମାନେ ଉପସ୍ଥିତ ରହି ପଣ୍ଡିତ ଲାକୋ ବଦ୍ରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଆଦିବାସୀ ହୋ ସମାଜ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରାଯାଇଛି ।

# ଶ୍ୟାମସୁନ୍ଦରପୁର ଗ୍ରା.ପ. ଆଗରେ ସି.ପି.ଆଇ.ର ବିକ୍ଷୋଭ

ନୀଳଗିରି,୨୦/୦୯ (ନି.ପ୍ର): ଆଜି ବିଭିନ୍ନ ଅନିୟମିତତା ଓ ୬ଦଫା ଦାବୀ ନେଇ ସି.ପି.ଆଇ. ଦଳ ପକ୍ଷରୁ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଫିସ ଆଗରେ ବିକ୍ଷୋଭ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ନାମ ଥିବା ସତ୍ୱେ ହିତାଧିକାରୀ ଘର ନ ପାଇବା, ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପ୍ରଦାନ ରେ ଅନିୟମିତତା, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ସତ୍ୱେ ତାଙ୍କୁ ବାରମ୍ବାର ପଞ୍ଚାୟତରେ କାର୍ଯ୍ୟ କରାଇବା, କୋଭିଡ ପାଇଁ ଆସିଥିବା ସରକାରୀ ଅର୍ଥର ହିସାବ ଦେବା, ବିଭିନ୍ନ ଉନୟନ ମୂଳକ କାର୍ଯ୍ୟ କିପରି କାର୍ଯ୍ୟକାରୀ ହେଉଛି, ତାହା ପ୍ରକାଶ କରିବା, ପଞ୍ଚାୟତ ବୈଠକରେ ମାସିକିଆ ଖର୍ଚ୍ଚ ନିର୍ବାହୀ ଅଧିକାରୀ ପ୍ରଦାନ କରିବା ଆଦି ଦାବୀ ନେଇ ଆଜି ଏହି ବିକ୍ଷୋଭ କରାଯାଇଥିବା ଜଣାପଡ଼ିଛି । ଏହି ବିକ୍ଷୋଭରେ ବର୍ଷୀୟାନ ସି.ପି.ଆଇ. ନେତା କୈଳାସ ପଣ୍ଡା, ନିରଂଜନ ବାରିକ, କରୁଣାକର ପରିଡ଼ା, ଙ୍କ ସମେତ ବହୁ ନେତା ଓ ହିତାଧିକାରୀମାନେ ସାମିଲ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo